ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK   ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.188 Bhubaneswar Tuesday September 13 2022 | ୨୫ତମ ବର୍ଷ ସଂଖ୍ୟା-୧୮୮ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୩, ୨୦୨୨ (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ୫ଟି ରୂପାନ୍ତରିକରଣ, ବ୍ଲାକବୋର୍ଡ ବଦଳରେ ଆଲମିରା



ବିନିକା : ଆଲମିରା ସାଜିଛି ବ୍ଲାକ୍ ବୋର୍ଡ। ଟେବୁଲ ସାଜିଛି ସିମେଣ୍ଟ ଚଟାଣ । ସ୍କୁଲ କାନ୍ଥ ପାର୍ଶ୍ୱ ସାଜିଛି ଶୌଚାଳୟ। ଶ୍ରେଣୀ ଗୃହ ଛାତରୁ ଖସୁଛି ସିମେଣ୍ଟ ପ୍ଲାଷ୍ଟର। ଏମିତି ଅବସ୍ଥା ହେଉଛି ଏକ ସ୍କୁଲ୍‌ର ଯାହାକୁ ମାତ୍ର ୪ ମାସ ତଳେ ସରକାର ସ୍ମାର୍ଟ ସ୍କୁଲ୍ ବୋଲି ଘୋଷଣା କରିଥିଲେ।ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରରେ ରହିଛି ବିନିକା ଉଚ୍ଚ ବିଦ୍ୟାଳୟ। ଏହି ସ୍କୁଲରେ ୯ମ ଓ ୧୦ମ ଶ୍ରେଣୀର ୧୧୧ ଜଣ ପିଲା ପାଠପଢ଼ନ୍ତି। ଏଠାରେ କେବଳ ବାଳକମାନେ ପଢ଼ନ୍ତି। ୪ ମାସ ତଳେ ଏହି ସ୍କୁଲକୁ ରୂପାନ୍ତରିକରଣ କରାଯାଇଥିବା ଦର୍ଶାଇ ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ। ହେଲେ ଅଜବ କଥା, ଏ ପର୍ଯ୍ୟନ୍ତ ସ୍କୁଲରେ ଅନେକ ନିର୍ମାଣ କାମ ସରିନି।ସ୍କୁଲର ୯ମ ଶ୍ରେଣୀର ଛାତ୍ରମାନେ ତଳେ ବସି ପଢୁଛନ୍ତି। ଷ୍ଟିଲ୍ ଆଲମିରା ସେମାନଙ୍କ ପାଇଁ ସାଜିଛି କଳାପଟା। ଶିକ୍ଷକ, ଶିକ୍ଷୟିତ୍ରୀ ଏହି ଆଲମିରାକୁ ବ୍ଲାକବୋର୍ଡ ଭାବେ ବ୍ୟବହାର କରି ପିଲାଙ୍କୁ ପଢ଼ାଉଛନ୍ତି। ରାଜ୍ୟ ସରକାରଙ୍କ ଡ୍ରିମ ପ୍ରୋଜେକ୍ଟର ଏଭଳି ଅବସ୍ଥା ଦେଖି ବିଦ୍ୟାର୍ଥୀଙ୍କ ଠାରୁ ଆରମ୍ଭ କରି ଅଭିଭାବକ ପର୍ଯ୍ୟନ୍ତ ସମସ୍ତେ ସମାଲୋଚନା କରୁଛନ୍ତି ।ଏଭଳି ଅବ୍ୟବସ୍ଥାରେ ପାଠପଢ଼ା ଚାଲିବା ଦିନେ କିମ୍ବା ଦୁଇ ଦିନର ଦୃଶ୍ୟ ନୁହେଁ। ମାସମାସ ଧରି ଏଠାରେ ଏମିତି ପାଠପଢ଼ା ଚାଲିଛି। ଏହା ବିଷୟରେ ବିଇଓ ଓ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପାଖରେ ମଧ୍ୟ ସୂଚନା ନାହିଁ। ତେଣୁ ଶିକ୍ଷା ଅଧିକାରୀମାନଙ୍କ କାର୍ଯ୍ୟ କରିବା ଶୈଳୀକୁ ବି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଏନେଇ ବିନିକା ଭାରପ୍ରାପ୍ତ ବିଇଓ ଗଣେଶ କିସାନ କହିଛନ୍ତି, କାମ ଚାଲିଥିବା ସମ୍ପର୍କରେ ସେ ଜାଣିଛନ୍ତି। ତେବେ ପିଲାମାନେ ଏଭଳି ଅବ୍ୟବସ୍ଥାରେ ପାଠପଢୁଥିବା ଜାଣିନାହାନ୍ତି। ଏହାର ଯାଞ୍ଚ କରି ଉଚିତ୍ ପଦକ୍ଷେପ ନେବେ ।ପିଲାମାନଙ୍କୁ ଉନ୍ନତମାନର ଶିକ୍ଷା ଭିତ୍ତିଭୂମି ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହି ସ୍କୁଲକୁ ସ୍ମାର୍ଟ ସ୍କୁଲରେ ପରିଣତ କରିଛନ୍ତି ବୋଲି କହିଛନ୍ତି। ସ୍କୁଲ ଗେଟ୍‌ରେ ଏହାର ବ୍ୟାପକ ପ୍ରଚାର ବ୍ୟବସ୍ଥା କରାଯାଇଛି। ୫ଟି ସଂଜ୍ଞା ନିରୂପଣ କରାଯାଇଛି। ହେଲେ ତାଜୁବର କଥା ସ୍କୁଲ କାମ ସରି ନ ଥିଲେ ହେଁ ମୁଖ୍ୟମନ୍ତ୍ରୀ ବାହାବା ନେବାପାଇଁ ତରବରିଆ ଭାବେ ରୂପାନ୍ତରିକରଣ କାମ ସରିଥିବା ଦର୍ଶାଇ ଉଦ୍‌ଘାଟନ କାମ ସାରି ଦେଇଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ଏହା କେଉଁ ପ୍ରକାର ଡ୍ରିମ ପ୍ରୋଜେକ୍ଟ କାମ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମୁମ୍ବାଇରେ ଓଡ଼ିଶା ଇନଭେଷ୍ଟର୍ସ ମିଟ୍ ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୯(ପି.ଏନ): ମୁମ୍ବାଇରେ ସେପ୍ଟେମ୍ବର ୧୪ରେ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍' ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ମୁମ୍ବାଇ ଗସ୍ତରେ ଯିବେ। ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅନୁରୋଧ କରିବେ ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ସୂଚନା ଦେଇଛନ୍ତି ।ମୁମ୍ବାଇରେ ବଡ଼ ବଡ଼ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କର ୱାନ୍ ଟୁ ୱାନ୍ ଆଲୋଚନା କାର୍ଯ୍ୟକ୍ରମ ରହିଛି। ମୁମ୍ବାଇ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍'ରେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ କଣ ସୁଯୋଗ ରହିଛି ତାହା ଉପରେ ରାଜ୍ୟ ସରକାର ଉପସ୍ଥାପିତ କରିବେ। ମେକ ଇନ ଓଡ଼ିଶା କନକ୍ଲେଭର ତୃତୀୟ ସଂସ୍କରଣ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁମ୍ବାଇ ପରେ ବେଙ୍ଗାଲୁରୁରେ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍' ହେବାର କାର୍ଯ୍ୟକ୍ରମ ରହିଛି ବୋଲଇ ଶିଳ୍ପ ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ୧୩ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନିଦିନିଆ ମୁମ୍ବାଇ ଗସ୍ତରେ ଯିବେ। ସେପ୍ଟେମ୍ବର ୧୪ରେ ମୁମ୍ବାଇର ଟ୍ରାଇଡେଂଟ୍ ହୋଟେଲରେ ଆୟୋଜନ ହେବାକୁ ଥିବା 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍'ରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ମୁଖ୍ୟମନ୍ତ୍ରୀ ସେପ୍ଟେମ୍ବର ୧୫ରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଶିଳ୍ପ ସଚିବ ହେମନ୍ତ ଶର୍ମା ଏବଂ କିଛି ବରିଷ୍ଠ ପଦାଧିକାରୀ ଆଗୁଆ ମୁମ୍ବାଇ ଗସ୍ତରେ ଯାଇଛନ୍ତି। ନଭେମ୍ବର ୩୦ରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଆୟୋଜିତ ହେବ।

## ଦୁର୍ବଳ ଅବପାତ, ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ : ୧୮ରୁ ପୁଣି ବର୍ଷା

ଭୁବନେଶ୍ୱର, ୧୨।୯(ପି.ଏନ): ଦୁର୍ବଳ ହୋଇଛି ଅବପାତ । ଦକ୍ଷିଣ-ପୂର୍ବ ମଧ୍ୟପ୍ରଦେଶ ଏବଂ ପାର୍ଶ୍ୱବର୍ତ୍ତୀ ଅଂଚଳରେ ଦୁର୍ବଳ ହୋଇ ବର୍ତ୍ତମାନର ଅବପାତ ଏକ ସୁଦୃଢ଼- ଲଘୁଚାପ କ୍ଷେତ୍ର ଭାବେ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର କିଛି ଜିଲ୍ଲାରେ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ଆସନ୍ତା ୧୮ ସେପ୍ଟେମ୍ବର ବେଳକୁ ଉତର ବଙ୍ଗୋପସାଗର ଅଂଚଳରେ ବାୟୁମଣ୍ଡଳର ଉପରି ଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୧୮ ତାରିଖ ବେଳକୁ ରାଜ୍ୟରେ ବର୍ଷାର ବିସ୍ତୃତି ଏବଂ ପରିମାଣ ବୃଦ୍ଧି ପାଇବ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ,ସମ୍ବଲପୁର, ବରଗଡ, ଦେବଗଡ, ସୁନ୍ଦରଗଡ , କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୩ ରୁ ୧୪ ତାରିଖ ମଧ୍ୟରେ କେନ୍ଦୁଝର , ମୟୁରଭଂଜ , ସୁନ୍ଦରଗଡ, ଝାରସୁଗୁଡା, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଲିଙ୍ଗ ନିରୂପଣ ମାମଲାରେ ଡାକ୍ତରଙ୍କୁ ୨ ବର୍ଷ ୩ ମାସ ଜେଲ୍

ଭୁବନେଶ୍ୱର, ୧୨।୯(ପି.ଏନ): ବିନା ଲାଇସେନ୍ସରେ ଲିଙ୍ଗ ନିରୂପଣ ମାମଲାରେ ଜଣେ ଡାକ୍ତରଙ୍କୁ ଜେଲ ସଜା ହୋଇଛି। ଅଭିଯୁକ୍ତ ଡାକ୍ତରଙ୍କ ନାମ ରାଜ କିଶୋର ସାହୁ । ଲିଙ୍ଗ ନିରୂପଣ ମାମଲାରେ ଜେଏମଏଫସି କୋର୍ଟ ଅଭିଯୁକ୍ତଙ୍କୁ ୨ ବର୍ଷ ୩ ମାସର ଜେଲ୍ ଦଣ୍ଡ ରେ ଦଣ୍ଡିତ କରିଛନ୍ତି। ଏହାସହ ୯ ହଜାର ୫୦୦ ଫାଇନ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି ୨୦୧୨ ମସିହାରେ ମାର୍କେଟ ବିଲ୍ଡିଂର ଏକ କ୍ଲିନିକରେ ଚଢ଼ାଉ ହୋଇଥିଲା।

## କଟକରେ ନକଲି ଔଷଧ କାରବାର ମାମଲାରେ ୨ ଗିରଫ

ଭୁବନେଶ୍ୱର, ୧୨।୯(ପି.ଏନ): କଟକରେ ନକଲି ଔଷଧ କାରବାର ମାମଲାରେ ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସୋମବାର ପୁରୀଘାଟ ଥାନାରେ ଦୁଇ ଅଭିଯୁକ୍ତ ଆତ୍ମସମର୍ପଣ କରିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦୁଇଜଣ ଦେଲେ ସଞ୍ଜୟ ଜଲାଲ ଓ ରାହୁଲ ଶ୍ୟାଲ। ନକଲି ମେଡିସିନ କାରବାର ମାମଲାରେ ସେମାନଙ୍କୁ ପଚରାଉଚରା ହେବ। ଦୁଇ ଔଷଧ ବିତରକ ସଂସ୍ଥାର ଅନ୍ୟ କିଛି କର୍ମଚାରୀଙ୍କୁ ପୁଲିସ ପଚରାଉଚରା କରୁଛି। ଆବଶ୍ୟକ ପଡିଲେ ଏହି ଦୁଇ ସଂସ୍ଥାର ଅଫିସ ସିଲ ବି କରାଯାଇପାରେ ବୋଲି କଟକ ଡିସିପି ସୂଚନା ଦେଇଛନ୍ତି ।

ନକଲି ଔଷଧକୁ ବଜାରକୁ କେମିତି ଆସିଲା, ତାର ଚେର ଖୋଜିବା ପାଇଁ କମିଶନରେଟ୍ ପୋଲିସ୍ ଟିମ୍ ଗୟା ଓ ବେଙ୍ଗାଲୁରୁ ଯିବ। କଟକରେ ଜବତ ହୋଇଥିବା ଟେଲମା-୪୦ ଓ ଟେଲମା-ଏଏମ୍ ଔଷଧ ନକଲି ବୋଲି ଜଣାପଡିବା ପରେ ଡ୍ରଗ୍ସ କଂଟ୍ରୋଲର ଅଫିସର ଅଧିକାରୀମାନେ ଯାଂଚ ବେଳେ ଜାଣିଥିଲେ।

## ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅଭିଭାବକ ମହାସଂଘର ଆମରଣ ଅନଶନ

ଭୁବନେଶ୍ୱର, ୧୨।୯(ପି.ଏନ): ବିଭିନ୍ନ ଦାବି ନେଇ ଅଭିଭାବକ ମହାସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ସମୀରରଂଜନ ଦାଶଙ୍କ ବାସଭବନ ସମ୍ମୁଖରେ ଅନଶନ କରାଯାଉଛି ।ନେଇ ଅଭିଭାବକ ମହାସଂଘ ପକ୍ଷରୁ କରାଯାଇଥିବା ଦାବି ମଧ୍ୟରେ ସ୍କୁଲରେ ଯେଉଁ ସୁବିଧା ଯୋଗାଉଛନ୍ତି, ସେହି ଅନୁସାରେ ଫିସ ନିର୍ଧାରଣ କରାଯିବା, କରୋନା ପାଇଁ ସ୍କୁଲ ଫିସ ଛାଡ଼ ନିର୍ଦ୍ଦେଶର କାର୍ଯ୍ୟକାରିତା ନେଇ ସ୍କୁଲ ଅନୁଯାୟୀ ରିପୋର୍ଟ ଦାଖଲ କରାଯିବା, ଆଇନତଃ ସ୍କୁଲ ବ୍ୟାଗ ଓଜନ ଦେଢ଼ କେଜି ରୁ ୫ କେଜି ପର୍ଯ୍ୟନ୍ତ ଥିବା ନିୟମ ପାଳନ କରାଯିବା ସାମିଲ ରହିଛି । ସେହିପରି ସବୁ ସ୍କୁଲକୁ ଏନସିଇଆରଟି ବହିରେ ପାଠ ପଢାଇବା, ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୫% ମାଗଣା ସିଟରେ ପୁଣିଥରେ ପୋର୍ଟାଲ ଖୋଲି ଆଡମିସନ କରାଯିବା, ବିନା ସ୍ୱୀକୃତିରେ ଚାଲୁଥିବା ବେଆଇନ ସ୍କୁଲ ବନ୍ଦ ସହ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ, ସର୍ବସାଧାରଣଙ୍କ ପଇସା ନେଇ ଶହ ଶହ କୋଟି ଟଙ୍କା କାରବାର କରୁଥିବାରୁ ପ୍ରାଇଭେଟ ସ୍କୁଲ ମାନଙ୍କର ସ୍ୱତନ୍ତ୍ର ଅଡିଟ କରାଯିବା ଓ ପ୍ରାଇଭେଟ ସ୍କୁଲରେ ଏକାଦଶ ଶ୍ରେଣୀରେ କ୍ଲାସ ପ୍ରମୋସନ ଆଧାରରେ ସେହି ସ୍କୁଲ ପିଲାଙ୍କୁ ସୁପ୍ରିମ କୋର୍ଟଙ୍କ ପରାମର୍ଶ ଅନୁଯାୟୀ ଆଡମିସନ କରାଯିବା ଆଦି ଦାବି ରହିଛି ।

## ୩୦ ଲକ୍ଷ ମୂଲ୍ୟର ବ୍ରାଉନସୁଗାର ଜବତ, ୫ ଗିରଫ

ରାଉରକେଲା, ୧୨।୯(ପି.ଏନ): ରାଉରକେଲା ପ୍ଲାଂଟ ସାଇଡ୍ ପୋଲିସ ପ୍ରାୟ ୩୦୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଘଟଣାରେ ୫ ଜଣଙ୍କୁ ଗିରଫ କରିଛି । ଗିରଫ ପରେ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ଏକ କାର୍, ଏକ ବାଇକ୍ ଓ ୩ଟି ମୋବାଇଲ ଜବତ ହୋଇଛି । ଜବତ ବ୍ରାଉନସୁଗାରର ମୂଲ୍ୟ ୩୦ ଲକ୍ଷ ହେବ ବୋଲି ଅନୁମାନ କରାଯାଉଛି । ତେବେ ଏତେ ପରିମାଣର ବ୍ରାଉନସୁଗାର ଏମାନେ କେଉଁଠୁ ଆଣିଥିଲେ, ସେନେଇ ଅଧିକ ଖୋଳତାଡ଼ କରୁଛି ପୋଲିସ । ପ୍ରକାଶ ଥାଉକି, ଗତକାଲି ଏସଟିଏଫ ପକ୍ଷରୁ ଚଢ଼ଉ କରାଯାଇ ରାଉରକେଲା ପୋଲିସ ଜିଲ୍ଲା ସେକ୍ଟର -୧୫ ଥାନା ଅଂଚଳରୁ ୧୬ ଲକ୍ଷ ୧୧ ହଜାର ଟଙ୍କାର ନକଲି ନୋଟ୍ ଜବତ କରାଯିବା ସହ ଘଟଣାରେ ଜଣକୁ ଗିରଫ କରାଯାଇଥିଲା । ତେବେ ଗତକାଲି ବହୁଳ ଭାବେ ନକଲି ନୋଟ୍ ଓ ଆଜି ବିପୁଳ ପରିମାଣର ବ୍ରାଉନସୁଗାର ଜବତ ହେବା ଘଟଣା ସମ୍ପ୍ରତି ରାଉରକେଲା ଅପରାଧୀଙ୍କ ପେଣ୍ଠସ୍ଥଳି ପାଲଟିଥିବା ସୂଚାଉଛି ।

## ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ: ରାଜଧାନୀରେ ଶୋଭା ପାଇବ ୧୭୮ଟି ମେଢ

ଭୁବନେଶ୍ୱର, ୧୨।୯(ପି.ଏନ): ୨ ବର୍ଷର କଟକଣା ପରେ ଚଳଚଂଚଳ ହୋଇ ଉଠିଛି ପୂଜା ମଣ୍ଡପ। ମହାମାରୀ କମି ଥିବାରୁ ଏଥର କଟକଣାମୁକ୍ତ ଦୂର୍ଗା ପୂଜା ପାଳନ କରିବାକୁ ଆରମ୍ଭ ହେଲାଣି ପ୍ରସ୍ତୁତି। ରାଜଧାନୀରେ ସୁରୁଖୁରୁରେ ପୂଜା କରିବାକୁ ମେୟର ସୁଲୋଚନା ଦାଶଙ୍କ ଅଧ୍ୟକ୍ଷତାରେ ସୋମବାର ବିଏମସିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗା ପୂଜା ପୂର୍ବରୁ ରାସ୍ତା ମରାମତି, ଡ୍ରେନେଜ, ସ୍ୱରେଜ ବ୍ୟବସ୍ଥା ସହ ଷ୍ଟ୍ରିଟ୍ ଲାଇଟ ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଏମସି କମିଶନର। ଏଥର ରାଜଧାନୀରେ ଶୋଭା ପାଇବ ୧୭୮ଟି ମେଢ଼। ପୂର୍ବ ଭଳି ଭସାଣି ପାଇଁ ଅସ୍ଥାୟୀ ବିସର୍ଜନ ପୋଖରୀ ନିର୍ମାଣ ହେବ। ମେଳାରେ ବିଭିନ୍ନ ଫୁଡ଼ ଷ୍ଟଲ ରେ କିଭଳି ମିଳିବ ହାଇଜିନ୍ ଖାଦ୍ୟ ସେଥିପାଇଁ ଗଠନ ହୋଇଛି ସ୍ୱତନ୍ତ୍ର ଟିମ୍ । ଖାଦ୍ୟର ମାନ ପରଖିବା ପାଇଁ ୭ ଜଣ ଫୁଡ୍ ଇନ୍ସପେକ୍ଟର ରହିବେ। ସେହିପରି ଦୁଇ ବର୍ଷ ପରେ ପୂଜା ହେଉଥିବାରୁ ସବୁ ମଣ୍ଡପ ଗୁଡିକ ଜାକଜମକରେ ପୂଜା କରିବାକୁ ଅନୁମତିମିଳିଛି। ରାତି ୧୨ଟା ପର୍ଯ୍ୟନ୍ତ ମେଲୋଡି କରିବା ସହ ମେଳଣ ଓ ମୀନାବଜାର ପାଇଁ ମଧ୍ୟ ଅନୁମତି ମିଳିବ। ରାବଣ ପୋଡି ପାଇଁ କମିଶନରେଟ ପୋଲିସ ଅନୁମତି ଦେବ।

## ପ୍ରଧାନଶିକ୍ଷକଙ୍କ ବଦଳି ଦାବିକୁ ନେଇ ବ୍ଲକ କାର୍ଯ୍ୟାଳୟ ପରିସର ପାଲଟିଲା ରଣକ୍ଷେତ୍ର

ସୋର,୧୨.୯.୨୦୨୧: ଜଣେ ପ୍ରଧାନଶିକ୍ଷକଙ୍କ ବଦଳି ରୋକିବା ଦାବି ନେଇ ତୁମୁଳକାଣ୍ଡ। ରଣକ୍ଷେତ୍ର ପାଲଟିଲା ବ୍ଲକ ଅଫିସ୍। ଦାବି ନେଇ ଆସିଥିବା ବିଜେପି ସମର୍ଥିତ ସରପଞ୍ଚ ଓ ଅଭିଭାବକଙ୍କ ସହ ବ୍ଲକ ଅଫିସ୍ ପରିସରରେ ବିଜେଡି କର୍ମୀଙ୍କ ସଂଘର୍ଷ ହୋଇଛି। ଏହି ସଂଘର୍ଷ ବେଳେ ସମସ୍ୟାର ସମାଧାନ କରିବାକୁ ଆସିଥିବା ବିଇଓ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଆଜି ସୋର ବ୍ଲକ ଅଫିସ୍‌ରେ ଏହି ଘଟଣା ଘଟିଛି। ସୋର ବ୍ଲକ ଅଫିସ୍ ?ରେ ଜନ ଅଭିଯୋଗ ଜନଶୁଣାଣି ଚାଲିଥିବା ବେଳେ ଅନ୍ୟପଟେ ଦୁଇଗୋଷ୍ଠୀ ହାତାହାତି ହୋଇଥିଲେ ।ଏହି ଘଟଣାରେ ଶିକ୍ଷକଙ୍କ ବଦଳି ଦାବି ରୋକିବାକୁ ନିବେଦନ ନେଇ ଆସିଥିବା ଟେଣ୍ଟେଇ ସରପଞ୍ଚ ଲକ୍ଷ୍ମୀକାନ୍ତ ମଳିକ ଓ ସୋଇ ବିଇଓ ଆହତ ହୋଇଛନ୍ତି। ସେମାନଙ୍କ ମୁଣ୍ଡ ଫାଟିଛି। ସ୍ଥାନୀୟ ସୋର ଡାକ୍ତରଖାନାରେ ସେମାନଙ୍କ ଚିକିତ୍ସା କରାଯାଇଛି ।ସୂଚନା ମୁତାବକ, ଟେଣ୍ଟେଇ ଭୀକାରିଚରଣ ନୋଡାଲ ସ୍କୁଲରେ ପ୍ରଧାନଶିକ୍ଷକ ଥିବା ବିଜୟ ସାରଙ୍କ ବଦଳି କରାଯାଇଛି।

## ଜିଲ୍ଲା ପରିବହନ ଓ ପୋଲିସ ବିଭାଗ ତରଫରୁ ତିନି ଦିନିଆ ସ୍ୱତନ୍ତ୍ର ଚଢ଼ଉ : ସମୁଦାୟ ୪୯ ଗୋଟି ଗାଡି ଜବତ : ୩୫ ଜଣ ଡ୍ରାଇଭର ଗିରଫ

ସୁବର୍ଣ୍ଣପୁର, ୧୨।୯(ପି.ଏନ): ଓଡିଶା ସରକାରଙ୍କ ପରିବହନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳ ସୁବର୍ଣ୍ଣପୁର ଆବୋଲୀ ସୁନିଲ ନରୱଣେଙ୍କ ପରାମର୍ଶ ଓ ଏସପି ଅମରେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗତ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାରେ ଦୁଇ ଚକିଆ ଚାରି ଚକିଆ ଯାନ ଚଳାଚଳ ଉପରେ ପୋଲିସ ଅଧିକାରୀଙ୍କ ସହ ପରିବହନ ବିଭାଗ କର୍ମଚାରୀଙ୍କ ସ୍ୱତନ୍ତ୍ର ମିଳିତ ଯାଂଚ କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଗତ ୩ ଦିନ ଧରି ଜିଲ୍ଲା ପରିବହନ ଅଧିକାରୀ ଶ୍ରୀ ରବୀନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଯାଂଚ୍ ସହରର କୁଞ୍ଜ ଛକ, ବ୍ଲକ ଛକ ସମେତ ବିଭିନ୍ନ ଜାଗାରେ ଏକକାଳୀନ ଚଢ଼ଉ ଆରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଯାଂଚ୍ ସମୟରେ ବିଶେଷ ଭାବେ ବିନା ହେଲମେଟ, ବିନା ଡ୍ରାଇଭିଙ୍ଗ ଲାଇସେନ୍ସ, ଟ୍ରିପଲ ରାଇଡ଼ର ଡ୍ରାଇଭିଂ, ବିନା ଇନସ୍ୟୁରେନ୍ସରେ ଗାଡି ଚାଳନ ଉପରେ ବିଶେଷ ପଦକ୍ଷେପ ନିଆଯାଇଛି। ଜିଲ୍ଲାର ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱାରୋପ ପୂର୍ବକ ଅବ୍ୟବସ୍ଥିତ ଗାଡିଚାଳନା ତଥା ବିନା କାଗଜାତରେ ଗାଡିଚାଳନା ନିଜ ତଥା ଅନ୍ୟ ମାନଙ୍କ ପାଇଁ ଦୁଃଖର କାରଣ ହୋଇଥାଏ, ଏଣୁ ସମସ୍ତେ ଏଥି ପ୍ରତି ସତର୍କ ହେବାକୁ ଜିଲ୍ଲା ଆରକ୍ଷୀ ଅଧିକାରୀ ଅମରେଶ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ସର୍ତକ ଓ ସଚେତନ ହେଲେ ସଡ଼କ ଦୁର୍ଘଟଣାକୁ ରୋକାଯାଇ ପାରିବା ସହ ଧନ ଜୀବନ ସୁରକ୍ଷିତ ରହିବ ଏଣୁ ସମସ୍ତେ ଗାଡିଚାଳନା ସମୟରେ ଯତ୍ନବାନ ହେବାକୁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି। ଗତ ତିନି ଦିନିଆ ଚଢ଼ଉରେ ପରିବହନ ବିଭାଗ ଦ୍ୱାରା ୪୯ ଗୋଟି ଭେଇକିଲ ଜବତ ସହ ୩୫ ଜଣ ଜଣ ମଦୁଆ ଗାଡି ଚାଳକଙ୍କୁ ଗିରଫ କରାଯାଇଥିବା ବିଷୟ ଆଂଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକଙ୍କ ଠାରୁ ପ୍ରକାଶ ପାଇଛି। ୧୯୭ ଗୋଟି ଗାଡି ଚାଳକଙ୍କ ଠାରୁ ଭିନ୍ନ ଭିନ୍ନ ମାମଲାରେ ୫୦ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିବା ବିଷୟ ଶ୍ରୀ ପଟ୍ଟନାୟକଙ୍କ ଠାରୁ ସୂଚନା ମିଳିଛି।

## ୬୧ ବର୍ଷ ହେବ ନିର୍ବାଚନ ଜିତି ଆସୁଛନ୍ତି କହ୍ନେୟା ଲାଲ ଗୁପ୍ତା



କାନପୁର,୧୨।୯(ପି.ଏନ): ଥରେ କି ଦୁଇଥର ନୁହଁ। ୫ କି ୧୦ ନୁହଁ। ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ଧରି ସେ ନିର୍ବାଚନ ଜିତି ଆସୁଛନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ବିରଳ ସଫଳତା ହାସଲ କରିଥିବା ବ୍ୟକ୍ତି ଜଣକ ହେଉଛନ୍ତି ଗୋରଖପୁରର କହ୍ନେୟା ଲାଲ ଗୁପ୍ତା। ଉତ୍ତରପୂର୍ବ ରେଲୱେ ମଜଦୁର ୟୁନିୟନ୍ ?ର ସାଧାରଣ ସମ୍ପାଦକ ଭାବେ କହ୍ନେୟା ଲାଲ ୬୧ ବର୍ଷ ହେବ ବିଜୟୀ ହୋଇ ଆସୁଛନ୍ତି। ଏକ ଲମ୍ବା ସମୟ ଧରି କେନ୍ଦ୍ରୀୟ ନେତା ଭାବେ ବିଜୟୀ ହେବା ସମଗ୍ର ବିଶ୍ୱରେ ରେକର୍ଡ ସ୍ଥାପନ କରିଛନ୍ତି କହ୍ନେୟା ଲାଲ। ଏହି ନିଆରା ସଫଳତା ପାଇଁ କହ୍ନେୟା ଲାଲ ଲିମକା ବୁକ ଅଫ ରେକର୍ଡରେ ମଧ୍ୟ ସ୍ଥାନ ପାଇଛନ୍ତି। କହ୍ନେୟା ଲାଲ ଗୁପ୍ତା ୧୯୪୬ ମସିହାରେ ରେଳବାଇରେ ଯୋଗ ଦେଇଥିଲେ । ସେବେଠାରୁ ସେ ଉତ୍ତର ପୂର୍ବାଞ୍ଚଳ ରେଳବାଇ ମଜଦୁର ୟୁନିୟନ୍ ?(ଏନଇଆରଏମୟୁ) ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରିଆସୁଛନ୍ତି।୧୦ ବର୍ଷ ସେନାରେ କାର୍ଯ୍ୟ କରିବା ପରେ କହ୍ନେୟା ଲାଲ ଗୁପ୍ତା ଏନଇଆରଏମୟୁ ସହ ଯୋଡି ହୋଇଥିଲେ। ସେବେଠାରୁ ସେ ପ୍ରତିବର୍ଷ ୟୁନିୟନ୍ ନିର୍ବାଚନ ଲଢ଼ି ଆସୁଛନ୍ତି। ସେ ୧୯୮୧ରେ ରେଲୱେରୁ ଅବସର ନେଇଥିଲେ। କିନ୍ତୁ ୟୁନିୟନ୍ ନିର୍ବାଚନରୁ ଓହରି ନଥିଲେ। ୧୯୭୪ରେ ବିହାର ନେତା ଜୟପ୍ରକାଶ ନାରାୟଣ ଆନ୍ଦୋଳନ ତାଙ୍କୁ ବେଶ ପ୍ରେରିତ କାରଥିଲା। ଜେପିଙ୍କ ଦ୍ୱରା ସେ ପ୍ରଭାବିତ ଏବଂ ତାଙ୍କୁ କାର୍ଯ୍ୟକରିବାର ପାଇଁ ନୈତିକ ଶକ୍ତି ଯୋଗାଏ ବୋଲି ସେ କହିଛନ୍ତି ।ତାଙ୍କ କ୍ୟାରିଅରରେ ତାଙ୍କୁ ଚାରିଥର ବରଖାସ୍ତ କରାଯାଇଛି । ଥରେ ସେ ଏଥିପାଇଁ ଜେଲ ମଧ୍ୟ ଯାଇଛନ୍ତି। ।କହ୍ନେୟା ଲାଲଙ୍କୁ ଏବେ ୧୦୬ ବର୍ଷ । ରେଲୱେରେ କେ.ଏଲ୍ ଗୁପ୍ତାଙ୍କର ଲମ୍ବା ସୟମ ଧରି ଏକ ବିରଳ ସ୍ମୃତି ରହିଥିବା ତାଙ୍କ ସହଯୋଗୀମାନେ କହିଛନ୍ତି। ସେ ନିଜ କାମ ନିଜେ କରନ୍ତି। ରେଲୱେ ଅଫିସରେ ରାତି ବିତାନ୍ତି ବୋଲି ତାଙ୍କ ସହଯୋଗୀମାନେ କହିଛନ୍ତି।

## ପାସେଞ୍ଜର ଟ୍ରେନ୍ ର ୪ ବଗି ଲାଇନଚ୍ୟୁତ, ଅଳ୍ପକେ ବର୍ତିଲେ ଯାତ୍ରୀ : ୨ ଜଣ ସସପେଣ୍ଡ

ଜୟପୁର, ୧୨।୯(ପି.ଏନ): ଜୟପୁର ଉମୁରି ବ୍ରିଜ୍ ନିକଟରେ ପାସେଞ୍ଜର ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ସୋମବାର ଅପରାହ୍ନରେ ବିଶାଖାପାଟଣାରୁ ଯାତ୍ରୀ ଧରି କିରଣ୍ଡୋଲ ଆସୁଥିବା ବେଳେ ଉମୁରି ନିକଟରେ ଲାଇନଚ୍ୟୁତ ହୋଇଛି। ଟ୍ରେନ୍ ର ୪ଟି ବଗି ଲାଇନଚ୍ୟୁତ ହୋଇଛି। ଏହି ଦୁର୍ଘଟଣାରେ କେହି ଯାତ୍ରୀ ମୃତାହତ ହୋଇନାହାନ୍ତି। ଏହି ଘଟଣାରେ ୨ ଜଣଙ୍କୁ ସସ୍‌ପେଣ୍ଡ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ସେକ୍ସନ ଇଞ୍ଜିନିୟର ଓ ଜଣେ ଗ୍ୟାଙ୍ଗମ୍ୟାନ ରହିଛନ୍ତି । ଡିଆରଏମ୍ ଅନୁପ ଶତପଥୀ ଏହି ସୂଚନା ଦେଇଛନ୍ତି। ଅପରପକ୍ଷରେ ଘଟଣାରେ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଂଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ । ଏହାସହ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳରେ ପହଂଚାଇବାକୁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ସେହିପରି ସଙ୍ଗେ ସଙ୍ଗେ ଟ୍ରେନ୍ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ ବିଶାଖାପାଟଣାରୁ କିରଣ୍ଡୋଲ ଯାଉଥିବା ବେଳେ ଉମୁରି ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରି ରେଳ ଷ୍ଟେସନକୁ ପଠାଯାଇଥିଲା । କେତେକ ଯାତ୍ରୀଙ୍କୁ ବସରେ ପଠାଯାଇଛି । ଘଟଣାସ୍ଥଳରେ ବିଶାଖାପାଟଣା ଡିଭିଜନ ଡିଆରଏମ ଅନୁପ କୁମାର ଶତପଥି ପହଂଚି ତଦନ୍ତ କରିଛନ୍ତି । ଗ୍ୟାଙ୍ଗ ମ୍ୟାନ ଓ ଇଞ୍ଜିନିୟରଙ୍କୁ ଅବହେଳା ପାଇଁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ଟ୍ରେନରେ ୫୦ରୁ ୬୦ ଯାତ୍ରୀ ରହିଥିଲେ। ଏହି ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇ ନାହିଁ କି ଆହାତ ମଧ୍ୟ ହୋଇ ନାହିଁ । ସାମାନ୍ୟ ଲାଇନ ଚ୍ୟୁତ ହୋଇଥିବା ୪ଟି ବଗିରେ ଗୋଟିଏ ଲେଖାଏଁ ଟ୍ରଲି ଲାଇନଚ୍ୟୁତ ହୋଇଥିବା ଡିଆରଏମ ସୂଚନା ଦେଇଛନ୍ତି । ଘଟଣା ସ୍ଥଳରେ ମେଡିକାଲ ଟିମ, ଉଦ୍ଧାର କାରୀ ଟିମ୍ ପହଞ୍ଚିଛନ୍ତି ।

## ଓଡ଼ିଶାରେ ଖଣି ଦୁର୍ନୀତି ଏକ ବିରାଟ ସ୍କାମ: ଅପରାଜିତା

ଭୁବନେଶ୍ୱର, ୧୨।୯(ପି.ଏନ): ରାଜ୍ୟରେ ହୋଇଥିବା ଖଣି ଦୁର୍ନୀତିକୁ କେବଳ ସାମାନ୍ୟ ଦୁର୍ନୀତି ବା ଭ୍ରଷ୍ଟାଚାର କୁହାଯିବ ତେବେ ଏହା ଖୁବ ଛୋଟ ହୋଇଯିବ ।ଏହା ହେଉଛି ଏକ ବିରାଟ ସ୍କାମ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ।ସେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଯଦି ଖଣି ଦୁର୍ନୀତିକୁ ରୋକିଥାନ୍ତେ ତେବେ ରାଜ୍ୟର ରାଜକୋଷକୁ କୋଟି କୋଟି ଟଙ୍କାର ଲାଭ ମିଳିଥାନ୍ତା । ରାଜ୍ୟର ସାଧାରଣ ଲୋକ ମାନଙ୍କ ପାଇଁ କଲ୍ୟାଣରେ ଏହାର ବ୍ୟବହାର ହୋଇଥାନ୍ତାସେ କହିଛନ୍ତି ଯେ ଘରୋଇ ଖଣିରୁ ବାହାରୁଥିବା ଲୁହାପଥରକୁ ନିମ୍ନମାନର ଦର୍ଶାଯାଉଛି। ସରକାରୀ କଳ ଓ ଘରୋଇ ଖଣି ମାଲିକ ଜାଣିଶୁଣି ନିମ୍ନମାନର ଦର୍ଶାଉଛନ୍ତି। ଏହାଦ୍ୱାରା ରାଜ୍ୟ ସରକାରଙ୍କୁ କମ୍ ରାଜସ୍ୱ ମିଳୁଛି। ରାଜ୍ୟର କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି ।ସେ ଆହୁରି କହିଛନ୍ତି ଯେ- ଖଣି ଦୁର୍ନୀତିର ତଦନ୍ତ ପାଇଁ ଶାହା କମିଶନ ଗଠନ ହୋଇଥିଲା। ଶାହା କମିଟି ରିପୋର୍ଟରୁ ୬୫ ହଜାର କୋଟି ଟଙ୍କାର ଭ୍ରଷ୍ଟାଚାର ବାବଦରେ ଜଣାପଡ଼ିଥିଲା। ରାଜ୍ୟ ସରକାର ଶାହା କମିଶନ ରିପୋର୍ଟକୁ ଗୁରୁତ୍ୱ ଦେଇନଥିଲେ ।ସେ କହିଛନ୍ତି ଯେ ୨୦୧୯-୨୦ ପୂର୍ବରୁ କମ୍ ପ୍ରତିଶତ ନିମ୍ନମାନର ଲୁହାପଥର ଦର୍ଶାଯାଉଥିଲା। ୨୦୨୧-୨୨ରେ ଅଧିକ ପ୍ରତିଶତ ନିମ୍ନମାନର ଲୁହାପଥର ଦର୍ଶାଗଲା ବୋଲି ଅପରାଜିତା କହିଛନ୍ତି।

## ବନ୍ଧୁଙ୍କ ଗୁଳିରେ ଗଲା ବନ୍ଧୁଙ୍କ ଜୀବନ

କେନ୍ଦୁଝର୧୨।୯(ପି.ଏନ): ବନ୍ଧୁଙ୍କ ଗୁଳିରେ ଗଲା ବନ୍ଧୁଙ୍କ ଜୀବନ। ଆଜି ଏପରି ଘଟଣା ଘଟିଛି କେନ୍ଦୁଝର ଜିଲ୍ଲାରେ। ପୁଲିସ ମୃତଦେହ ଜବତ କରି ଦୁଇ ବନ୍ଧୁକୁ ଅଟକ ରଖିଛି। ଅନ୍ୟ ଜଣେ ଫେରାର ହୋଇଯାଇଛି। ଝାରଖଣ୍ଡ ପଶ୍ଚିମ ସିଂଭୂମି ଜିଲ୍ଲା ଛଣପଦା ଗାଁର ରାଜ ବେହେରା, ଗୋବିନ୍ଦା ବେହେରା, ମୃତ୍ୟୁଞ୍ଜୟ ବେହେରା ଓ ବିଜୁ ବେହେରା ଭଲ ସାଙ୍ଗ। ଆଜି ଏହି ୪ ସାଙ୍ଗ ଏକ ନମ୍ବର ବିହୀନ ଆଟୋରେ ମୟୂରଭଞ୍ଜ-କେନ୍ଦୁଝର ସୀମାନ୍ତ ସିଂଗଡା ହାଟକୁ ଆସିଥିଲେ। ହାଟରୁ ଘରକୁ ଫେରୁଥିବା ବେଳେ କୌଣସି କଥାକୁ ନେଇ ଉଭୟଙ୍କ ଭିତରେ ବଚସା ହୋଇଥିଲା। ଠିକ୍ ? ଏହି ସମୟରେ ଜଣେ ପାଖରେ ରଖିଥିବା ପିସ୍ତଲ ବାହାର କରି ମୃତ୍ୟୁଞ୍ଜୟ ବେହେରାଙ୍କୁ ଗୁଳି କରିଥିଲେ ।ଗୁଳି ମାଡରେ ମୃତ୍ୟୁଞ୍ଜୟ ଗୁରୁତର ଆହତ ହୋଇଥିଲେ। ଅନ୍ୟ ସାଙ୍ଗମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ଅଟୋରେ ନେଇ ଭଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୁଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଲା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଶେଷ ଅଭିଳାଷ

**ଶିବପ୍ରସାଦ ଧଳ**





ରାକେଶର ଫ୍ଲାଇଟ୍ ସମୟ ହୋଇ ଯାଉଥିଲା, ଅଥଚ ସେ ପ୍ରସ୍ତୁତ ହୋଇପାରୁ ନଥିଲା। କେତେବେଳେ ଖୋଜୁଥିବା ଜିନିଷଟା ତାକୁ ମିଳୁ ନଥିଲା ତ କେତେବେଳେ କେଉଁ ଜିନିଷଟା ନେବା ଦରକାର, କେଉଁଟା ନୁହେଁ ତାହା ତା' ମୁଣ୍ଡକୁ ଢୁକୁ ନଥିଲା। ଅସଲ କଥା ହେଲା ଶେଫାଳି ତା' ଜୀବନରେ ଆସିଲା ପରେ ଏସବୁ କାମ ସେ ହିଁ କରି ଦେଉଥିଲା। ଅଥଚ ଆଜି ଶେଫାଳି ଘରେ ଥାଇବି ଗଲା ରାତିର କଥାକୁ ଧରି ଏସବୁ କରିବାକୁ ଆଗେଇ ଆସୁନି ଦୀର୍ଘ ଅଠର ବର୍ଷର ଦାମ୍ପତ୍ୟ ଜୀବନରେ କାଁ ଭାଁ ଛୋଟ ମୋଟ ମୁହଁ ଫୁଲାଫୁଲିକୁ ଛାଡ଼ିଦେଲେ, ସେମିତି ମତାନ୍ତର ବା ମନାନ୍ତର କେବେ ହୋଇନି ଦୁଇଜଣଙ୍କ ମଧ୍ୟରେ। ମୋଟା ମୋଟି ସଫଳ ଦାମ୍ପତ୍ୟ ଜୀବନ ସେମାନଙ୍କର। ଅନ୍ୟମାନେ ତାଙ୍କୁ ଆଦର୍ଶ ଭାବେ ଗ୍ରହଣ କରନ୍ତି ଏଥିପାଇଁ। ତେବେ ପ୍ରକୃତ କଥା ହେଲା ରାକେଶର ଖାମଖିଆଲି ଜୀବନକୁ



ଠିକଣା ବାଟରେ ଆଗେଇ ନେଇଛି ଶେଫାଳିର ନିଃସ୍ୱାର୍ଥପର ଭଲପାଇବା। ଉଭୟଙ୍କ ଭଲପାଇବାର ନିଦର୍ଶନ ସ୍ୱରୂପ ତାଙ୍କ କୋଳକୁ ଆସିଛି ଏକମାତ୍ର ପୁଅ ଆଶୁତୋଷ। ସେ ବି କିଛି କମ୍ ନୁହେଁ। ବାପା-ମାଆଙ୍କର ଉପଯୁକ୍ତ ଦାୟାଦ। ଏକ ନିଛକ ସୁଖୀ ପରିବାରର ଚିତ୍ର ଆଙ୍କି ହୋଇଯାଏ ସେମାନଙ୍କୁ ଦେଖିଲେ।

ତେବେ ସବୁ ଠିକ୍ ଚାଲିଥିଲା ବେଳେ ରାକେଶ ଏଇ କିଛିଦିନ ହେଲା କିଛିଟା ବ୍ୟତିକ୍ରମ ଲକ୍ଷ୍ୟ କରୁଛି ଶେଫାଳିଠାରେ। ତାର ବନ୍ୟହରିଣୀ ପରି ଚଳଚଂଚଳ ଜୀବନଶୈଳୀ ଧିମା ପଡ଼ିଯାଇଛି। କେଉଁ ଅଜଣା ଆଶଙ୍କାରେ ଯେମିତି ତା'ର ସଦା ହସ ହସ ମୁଖମଣ୍ଡଳ ମଳିନ ଦିଶୁଛି ଶ୍ରାବଣର ମେଘଢ଼ଙ୍କା ଆକାଶ ପରି। ଏକ ଜଳନ୍ତା ମହମବତୀ ପରି ସେ ତରଳି ତରଳି ସରିଯାଉଛି ଭିତରେ ଭିତରେ, ଅଥଚ ଜାଣିବାକୁ ଦେଉନି କାହାକୁ। ରାକେଶ ଶତଚେଷ୍ଟା କରି ମଧ ଜାଣିପାରୁନି ତା'ର କାରଣ। ତେବେ ଗଲା କାଲିର ଘଟଣା ରାକେଶର ସବୁ ହିସାବକୁ ଓଲଟ ପାଲଟ କରିଦେଲା ଯେମିତି। ସଦ୍ୟ ଭଲ ରେଜଲ୍ଟ କରି ମେଟ୍ରିକ୍ ପାଶ୍ କରିଥିବା ଆଶୁତୋଷକୁ ଓଡ଼ିଶାର ଏକ ଭଲ କଲେଜରେ ପଢ଼ାଇବାର ନିଷ୍ପତ୍ତି ଆପାତତଃ ନିଆସରିଥିଲା। କିନ୍ତୁ ହଠାତ୍ କ'ଣ ହେଲା କେଜାଣି ରାକେଶକୁ ନଜଣାଇ, ଶେଫାଳି ପୁଅର ଆଡ଼ମିଶନ ପାଇଁ ସବୁ ବ୍ୟବସ୍ଥା କରିଦେଲା ଭୁବନେଶ୍ୱରର ଏକ ସୁନାମଧନ୍ୟ ଇଣ୍ଟରନ୍ୟାସନାଲ୍ ସ୍କୁଲରେ। ସେଠାରେ ସେ ହଷ୍ଟେଲରେ ରହି ପାଠ ପଢ଼ିବ। ଏଠାରେ ଘରେ ରହି ପଢ଼ିଲେ ତା'ର ଭବିଷ୍ୟତ କୁଆଡ଼େ ଅନ୍ଧାର ହୋଇଯିବ ବୋଲି ଶେଫାଳିର ଧାରଣା। ତେବେ ରାକେଶର ଯୁକ୍ତି କିନ୍ତୁ ଅଲଗା। ଆମ ସହରରେ ମଧ ବହୁତ ଭଲ କଲେଜ ଅଛି ଆଉ ଏଠାରେ ପାଠ ପଢ଼ି ମଧ ଜଣେ ଖୁବ୍ ଉନ୍ନତି କରିପାରିବ ଭବିଷ୍ୟତରେ। କିନ୍ତୁ ରାକେଶର ମତାମତକୁ କୌଣସି ଗୁରୁତ୍ୱ ନଦେଇ ଶେଫାଳି ପୁଅ ପାଇଁ ଠିକ୍ କରିଥିଲା ରାଜଧାନୀର ସେଇ କଲେଜ। ଆଡ଼ମିଶନ ତାରିଖ ମାତ୍ର ଆଉ ପାଂଚଦିନ ପରେ ହେବାର ଥିଲା। ରାକେଶର କିନ୍ତୁ ଆସନ୍ତାକାଲିଠାରୁ ବାହାରକୁ ଯିବାର ଥିଲା ଅଫିସ୍ କାମରେ ପୁରା ସାତଦିନ ପାଇଁ। ଶେଫାଳିର ଜିଦ୍ ଯେମିତି ହେଲେ ପୁଅର ଆଡ଼ମିଶନ ହେବ ସେଇ ନିର୍ଦ୍ଦିଷ୍ଟ ତାରିଖରେ। ରାକେଶର ଅଫିସ୍‌ରୁ ଚାପ ଥିଲା ସେ ଯେମିତି ହେଲେ ସାତଦିନ ପାଇଁ ଯିବ ଗସ୍ତରେ, କାରଣ ତା'ର ସେହି ଗସ୍ତ ଉପରେ ନିର୍ଭର କରୁଥିଲା ତା' ଅଫିସ୍‌ର ଭାଗ୍ୟ। ଶେଫାଳି ଚାହୁଁଥିଲା ପୁଅର ଆଡ଼ମିଶନ ପାଇଁ ରାକେଶର ସହମତି ଯଦିଓ ସେ ଅବସ୍ଥାରେ ଏହାର କୌଣସି ଆବଶ୍ୟକତା ନଥିଲା କାରଣ ତା'ର ବିନା ସହମତିରେ ସବୁ ନିଷ୍ପତ୍ତି ନିଆସରିଥିଲା।

ରାକେଶ ନିଜକୁ ଅବହେଳିତ ମନେକଲା ଶେଫାଳିର ଏପରି ଏକତରଫା ନିଷ୍ପତ୍ତି ପାଇଁ। କିନ୍ତୁ ପୁଅର ଭଲପାଇଁ ନେଇଥିବା ନିଷ୍ପତ୍ତିକୁ ରାକେଶ ସହମତି ନ ଦେବାଟାକୁ, ସେମାନଙ୍କ ପ୍ରତି ଅସହଯୋଗ ବୋଲି ଚିତ୍ରଣ କରିଥିଲା ଶେଫାଳି। ତାର ନିଷ୍ପତ୍ତିକୁ ରାକେଶ ଓଜନ ଦେଉନାହିଁ ବୋଲି ଶେଫାଳି ଯୁକ୍ତି କରିଥିଲା। କଥା କଟାକଟି ବହୁତ ଉପରକୁ ଉଠିଗଲା। ଶେଷରେ 'ତୁମ ଇଚ୍ଛା ଯାହା ହେଉଛି ତାହା କର, ମୋତେ ପଚାରିବାର କୌଣସି ଆବଶ୍ୟକତା ନାହିଁ' ବୋଲି କହି ରାକେଶ ଶୋଇ ପଡ଼ିଲା।

ସକାଳକୁ ମଧ ଗଲା କାଲିର ନିଆଁର ତାତି କମି ନଥିଲା। ସେଇ କଥା କଟାକଟି, ପରସ୍ପରକୁ ପରସ୍ପରରେ ଦୋଷାରୋପ। ନିଜ ନିଜର ଆତ୍ମସମ୍ମାନର ପ୍ରଶ୍ନ ନିହିତ ଥିବାରୁ କେହି ଓହରୁ ନଥିଲେ କେହି କାହା ଜିଦ୍‌ରୁ। ଶେଷରେ ଫ୍ଲାଇଟ୍ ସମୟ ହୋଇଯିବାରୁ ରାକେଶ ପଳାଇଥିଲା କିଛି ନଖାଇ ନପିଇ।

ଅଫିସ୍ କାମରେ ବ୍ୟସ୍ତ ଥାଇ ରାକେଶ ଚିନ୍ତା କରୁଥିଲା ଶେଫାଳି କଥା। କେଉଁ ପରିସ୍ଥିତିରେ ଶେଫାଳିର ଏ ପରିବର୍ତ୍ତନ? ଯେଉଁ ଶେଫାଳି ତା'ର ବିନା ଅନୁମତିରେ ଛୁଞ୍ଚିଟିଏ ମଧ କିଣୁ ନଥିଲା ସେ କେମିତି ଏକତରଫା ନିଷ୍ପତ୍ତି ନେଲା ପୁଅକୁ ପଠାଇବାକୁ ଏତେ ଦୂରକୁ? ପୁଅର ଭବିଷ୍ୟତ ଚିନ୍ତା ନା ଅନ୍ୟ କିଛି? ସବୁ ଭିତରେ ବି ସେ ଆଶା କରୁଥିଲା ଶେଫାଳିଠାରୁ ଫୋନ କଲ୍‌ଟିଏ। ଅଥଚ ଶେଫାଳି ଫୋନ କରୁନଥିଲା। ରାକେଶ ନିଜଆଡ଼ୁ ଫୋନ୍ କଲେ ସେପଟୁ ସୁଇଚ୍ ଅଫ୍ ବୋଲି ଉତ୍ତର ଆସୁଥିଲା।

ସବୁ ଚିନ୍ତା ଦୁଃଶ୍ଚିନ୍ତା ମଧ୍ୟରେ ଅଫିସ୍ କାମ ଯଥାସମ୍ଭବ ସାରି ରାକେଶ ଫେରି ଆସିଥିଲା ଘରକୁ। ତା' ଘର! ତା' ସ୍ୱପ୍ନର ଘର! ଅଥଚ ଘରେ ପହଂଚି ଦେଖିଲା ଗୋଟେ ଅଦିନିଆ ଝଡ଼ ଯେମିତି ଛାରଖାର କରିଦେଇଛି ତା' ସ୍ୱପ୍ନର ଘରକୁ। ପୁଅକୁ ନେଇ ଶେଫାଳି ଛାଡ଼ି ଆସିଛି ହଷ୍ଟେଲରେ। ସବୁଥର ପରି ରାକେଶ ଆଶା କରୁଥିଲା ପୁଅ ଦୌଡ଼ିଆସି ତାକୁ ସ୍ୱାଗତ କରିବ। ଗେଲରେ ଓହଳି ପଡ଼ିବ କାନ୍ଧରେ। ଜବରଦସ୍ତ ବ୍ୟାଗ ଖୋଲି ପକାଇବ ଦେଖିବାକୁ ତା' ପାଇଁ କ'ଣ କ'ଣ ଆସିଛି ବୋଲି? ସେପଟେ ଶେଫାଳି କୃତ୍ରିମ ରାଗ ଦେଖାଉଥିବ ପୁଅ ଉପରେ। "ରହ ବାପା ବାହାରୁ ଆସିଛନ୍ତି। ଟିକେ ଗୋଡ଼, ହାତ ଧୋଇ ରିଲାକ୍ସ ହେବାକୁ ଦେଏ!" ଅଥଚ ସେମିତି କିଛି ହୋଇ ନ ଥିଲା। ଘରଟା ଖାଁ ଖାଁ ଲାଗୁଥିଲା। ରାକେଶର ମନ ହତାଶରେ ଭରି ଉଠିଲା। ତାର କ୍ରୋଧ ଚରମ ସୀମାରେ ପହଂଚିଗଲା। ସେ ଯୁଦ୍ଧ ଆହ୍ୱାନ ଦେଲା ଶେଫାଳିକୁ। ସେ ଜାଣିବାକୁ ଚାହୁଁଥିଲା କ'ଣ ପାଇଁ ଶେଫାଳି କରୁଛି ଏପରି? ଶେଫାଳି ମଧ ଦବିବା ମୁଡ୍‌ରେ ନଥିଲା। ଚାଲିଲା ବାଦ ବିବାଦ। କ୍ରୋଧରେ ହିତାହିତ ଜ୍ଞାନ ରହିଲା ନାହିଁ ରାକେଶର। ହାତ ଉଠାଇ ଦେଲା ଶେଫାଳି ଉପରେ।

କ୍ରୋଧ ଆଉ ଅପମାନରେ ଦୁର୍ଗାରୁ କାଳୀ ରୂପ ଯେମିତି ଧାରଣ କଲା ଶେଫାଳି। ସେ ଯେମିତି ଶପଥ ନେଇଥିଲା ଧ୍ୱଂସ କରିଦେବାକୁ ସାରା ସୃଷ୍ଟିକୁ। ଆଉ ମୁହୂର୍ତ୍ତଟିଏ ମଧ ରହି ହେବନି ଏଠାରେ ବୋଲି କହି କ୍ଷିପ୍ର ଗତିରେ ବାହାରିଗଲା ଘରୁ। ଗଲାବେଳେ କହିଗଲା- "ଯାଉଛି। ବାଏ। ତମକୁ ପ୍ରେମ କରିବା ଆଉ ତମ ସାଙ୍ଗରେ ଜୀବନ କଟାଇବାକୁ ସ୍ଥିର କରିବା ମୋ ଜୀବନର ସବୁଠାରୁ ବଡ଼ ଭୁଲ୍। ଏଇ ସତ୍ୟକୁ ସାଥିରେ ଧରି ମୁଁ ଚାଲିଯାଉଛି ମୋ' ବାଟରେ। ଖୋଜିବାକୁ ଚେଷ୍ଟା କରିବନି।"

ଭୁଲ୍ ଥିଲା! ରାକେଶ ଚମକି ପଡ଼ିଲା ପ୍ରେମ ଆଉ ବାହାଘରର ୧୫ ବର୍ଷ ପରେ ଶେଫାଳି କହୁଛି ସେସବୁ ଭୁଲ ଥିଲା!! ଏଇ କିଛି ସମୟ ହେଲା ଗର୍ଜୁଥିବା ରାକେଶର ପାଟିରେ କିଏ ତାଲାଟିଏ ପକାଇଦେଲା ଯେମିତି। ଜୀବନ ଉପରେ ତା'ର ବିଶ୍ୱାସ ତୁଟିଗଲା। ଗୋଟେ ସତ୍ୟ ଉପରେ ଭରସା କରି ବଂଚିଥିଲା ସେ, ତାହା ଥିଲା ଶେଫାଳିର ପ୍ରେମ। ଅଥଚ ସେ ସତ୍ୟର ମୂଳଦୁଆ ଆଜି ଦୋହଲିଗଲା।

ତା'ପର ଘଟଣା ଘଟିଗଲା ସାଧାରଣ ଭାବରେ। ଶେଫାଳି ନିଖୋଜ ହୋଇଗଲା ଯେ ରାକେଶ ଚେଷ୍ଟା କରି ମଧ ଠିକଣା ପାଇପାରିଲା ନାହିଁ ତା'ର। ଶେଫାଳିର ଅନୁପସ୍ଥିତିରେ ରାକେଶର ଜୀବନ ଦୁର୍ବିସହ ହୋଇଗଲା। ଦିନ ରାତି ତା'ପାଇଁ ସମାନ ହୋଇଗଲା। ଯନ୍ତ୍ରଚାଳିତ ପରି ସେ କାମ କରିଚାଲିଲା। ସତେ ଯେମିତି ସେ ଗୋଟେ ଜିଅନ୍ତା ମୁର୍ଦ୍ଦାର। ସେ ଜାଣିପାରୁନି ଯେ ତା'ର ଭୁଲ ରହିଲା କେଉଁଠି?

* * * * * *

ଏ ଘଟଣାର ଠିକ୍ ଛଅମାସ ପରେ ଦିନେ ଏକ ଅଜଣା ଫୋନକଲ୍‌ରେ ଜଣେ ମହିଳାର କଣ୍ଠସ୍ୱର ଶୁଣି ଆଶ୍ଚର୍ଯ୍ୟ ହେଲା ରାକେଶ। କାରଣ ଶେଫାଳି ଗଲାପରେ କୌଣସି ନାରୀ ତାକୁ ଫୋନ୍ କରି ନଥିଲେ ସେ ପର୍ଯ୍ୟନ୍ତ। ନାରୀଜଣକ କହୁଥିଲେ ସେ ଶେଫାଳିର ବାନ୍ଧବୀ ରୀନା ଆଉ ଶେଫାଳି ତାଙ୍କ ପାଖରେ ହିଁ ଅଛି। ମହିଳା ଜଣକ ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନର ଠିକଣା ଦେଇଥିଲେ ଆଉ ଦୁଇ ତିନି ଦିନ ମଧ୍ୟରେ ଯେମିତି ହେଲେ ପହଂଚିବାକୁ ଅନୁରୋଧ କରିଥିଲେ। ଆସିବା ସମୟରେ ପୁଅର ସ୍କୁଲକୁ ଯାଇ ତାକୁ ସାଙ୍ଗରେ ମଧ ଆଣିବା ପାଇଁ ଅନୁରୋଧ କରିଥିଲେ।

ରାକେଶ ସାଙ୍ଗେ ସାଙ୍ଗେ ବାହାରିଥିଲା ଭୁବନେଶ୍ୱର ଅଭିମୁଖେ ଆଉ ପୁଅକୁ ଧରି ପହଂଚି ଯାଇଥିଲା ସେହି ମହିଳାଙ୍କ ଘରେ। ସେଠାରେ ପହଂଚି ଯାହା ଦେଖିଲା, ସେଥିରେ ରାକେଶର ହୋସ୍ ଉଡ଼ିଗଲା। ଶେଫାଳି ସେଠି ଥିଲା, ମାତ୍ର ଶେଷ ଅବସ୍ଥା ତା'ର। ରୋଗ ତାକୁ ପହଂଚାଇ ଦେଇଥିଲା ସେହି ଅବସ୍ଥାରେ। ପୁଅକୁ ଆଉ ସ୍ୱାମୀକୁ ଦେଖି ଆଖି ଖୋଲିଲା ଶେଫାଳି। ଦୁଇଜଣଙ୍କର ଦୁଇ ହାତକୁ ଧରିଲା ଦୁଇ ହାତରେ। ଆଖିରୁ ତା'ର ଝରି ଆସିଲା ଲୁହ ଦୁଇଧାର। ସେ ଯେମିତି କ୍ଷମା ମାଗୁଥିଲା ଦୁଇଜଣଙ୍କୁ, ଏମିତି ଅଧା ବାଟରେ ଛାଡ଼ିଦେଇ ଯାଉଥିବାରୁ। ତା' ଆଖି କହୁଥିଲା, "ମତେ କ୍ଷମା କରିବ ରାକେଶ, ତୁମକୁ ମିଛ କହିଥିବାରୁ। ତୁମ ଆଗରେ ମିଛ ଅଭିନୟ କରିବାକୁ ବାଧ ହେଲି। ତୁମେ ଦୁଇଜଣ ଏତେ ମୋହଗ୍ରସ୍ତ ହୋଇଯାଇଥିଲ ଯେ, ମୁହୂର୍ତ୍ତଟିଏ ମଧ ଚଳିପାରୁ ନଥିଲ ମୋ ବିନା । ମୋତେ ଲାଗିଲା ମୁଁ ଚାଲିଗଲା ପରେ ଭୀଷଣ ଭାବରେ ଭାଙ୍ଗିପଡ଼ିବ ତମେ ଦୁଇଜଣ, ଏତେ ବଡ଼ ଧକ୍କା ସମ୍ଭାଳି ପାରିବ ନାହିଁ । ଏଣୁ ଜାଣିଜାଣି ତୁମ ଦୁଇଜଣଙ୍କ ପାଖରୁ ମୁଁ ଦୂରେଇ ଗଲି । କମ୍‌ସେ କମ୍ ମୋ' ବିନା ଚଳିବାଟା ତୁମର ଅଭ୍ୟାସ ହୋଇଯିବ ତ। ମୋର ଯିବାଟା ଯେତେବେଳେ ନିଶ୍ଚିତ ହୋଇଯାଇଥିଲା ଆଉ କ'ଣ କରିପାରିଥା'ନ୍ତି ? ତୁମ ଦୁଇଜଣଙ୍କୁ ମୋହମୁକ୍ତ କରିବା ପାଇଁ କୌଶଳରେ ଦୂରେଇ ଦେଲି ମୋ' ପାଖରୁ।"

ଶେଫାଳି ଆଖିରୁ ଲୁହ ପୋଛି ଦେଇଥିଲୁ ଦୁଇଜଣଯାକ। ହଠାତ୍ ଚେନାଏ ହସ ଫୁଟିଉଠିଲା ଶେଫାଳି ଓଠରେ। ବାସ୍! ତା'ପରେ ଆଖି ବୁଜିଦେଲା ସବୁଦିନ ପାଇଁ ଶେଫାଳି। ସେଇ ମୁହୂର୍ତ୍ତକୁ ଯେମିତି ଅପେକ୍ଷା କରି ରହିଥିଲା ସେ। ଶେଫାଳିର ନିଶ୍ଚଳ ଦେହ ଉପରେ ଲୋଟି ପଡ଼ିଥିଲୁ ବାପ, ପୁଅ, ଆତ୍ମଜ୍ଞାନ ହରାଇ। ଦୂରରୁ ଶୁଭୁଥିଲା ଏକ କପୋତର ବିଳାପ। ଆଖିରୁ ଲୁହ ପୋଛୁଥିଲେ ଶେଫାଳିର ବାଲ୍ୟ ବାନ୍ଧବୀ...।

*-ଅଳରା, ନରସିଂହପୁର, କଟକ,*
*ଭ୍ରାମ୍ୟଭାଷ: ୯୯୩୭୭୮୨୦୭୯*

## ଫସଲ କ୍ଷୟକ୍ଷତିର ପୁନଃ ଆକଳନ ଓ କୃଷି ସହାୟତା ରାଶିର ଦୁଇଗୁଣା ବୃଦ୍ଧି ଦାବୀ ନେଇ ରାଜ୍ୟପାଳଙ୍କୁ ଭେଟିଲେ ପିସିସି କିଷାନ କଂଗ୍ରେସ ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର (ପିଏନ୍)-ଲଗାଣ ବର୍ଷା ଓ ବନ୍ୟାଦ୍ୱାରା ଚାଷ ଉଜୁଡ଼ିଯିବା ଫଳରେ ଚାଷୀକୁଳ ଏବେ ବେ-ସାହାରା। ବିପନ୍ନ ଲୋକେ ସହାୟତା ପାଇବା ସାତ ସ୍ୱପ୍ନ ହେଲାଣି। ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଫସଲ କ୍ଷୟ କ୍ଷତିର ସଠିକ୍ ଆକଳନ କରା ନ ଯାଇ ମାତ୍ର ୧ ଲକ୍ଷ ୨୬ ହଜାର ୧୬୨ ହେକ୍ଟର ଚାଷ ଜମିରେ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲହାନୀ ହୋଇଛି ବୋଲି ସୂଚନା ଦିଆଯାଇଛି। ବାସ୍ତବ କ୍ଷେତ୍ରରେ ପୁନଃ ଆକଳନ କରାଗଲେ ଏହାଠାରୁ ଯଥେଷ୍ଟ ଅଧିକ ଫସଲ କ୍ଷତି ହେବାର ତଥ୍ୟ ଆସିପାରିବ ବୋଲି ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। କ୍ଷେତ୍ରସ୍ତରରେ ଯେଉଁ ପ୍ରଶାସନିକ ଅଧିକାରୀଙ୍କଦ୍ୱାରା କ୍ଷୟକ୍ଷତିର ଆକଳନ କରାଯାଇଛି ଏଥିରେ ବହୁ ତ୍ରୁଟି ରହିଛି। ଅନେକ ଯାଗାକୁ ମଧ କ୍ଷେତ୍ର ଅଧିକାରୀମାନେ ଆଦୌ ଯାଇ ନଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜଭବନରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲଙ୍କ ସହିତ ସାକ୍ଷାତ ଆଲୋଚନା କରି ୧୭ ଦଫା ସମ୍ବଳୀତ ଏକ ଦାବୀପତ୍ର ମହାମହୀମ ରାଜ୍ୟପାଳଙ୍କ ହସ୍ତକ୍ଷେପ ପାଇଁ ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ବିପନ୍ନ ଲୋକଙ୍କୁ ଉଦ୍ଧାର ଓ ଥଇଥାନ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସର୍ବଦଳୀୟ ବୈଠକ ଡାକିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଥିଲେ। ସରକାର ବିରୋଧୀଙ୍କୁ ବିଶ୍ୱାସ କଲେନାହିଁ। ଯାହା ଫଳରେ ବର୍ତ୍ତମାନର ଅବସ୍ଥା ଅତି ସଙ୍ଗୀନ। ତେଣୁ ରାଜ୍ୟ ସରକାରଙ୍କୁ ଏଥିପାଇଁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି କିଷାନ କଂଗ୍ରେସ ଅଧକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି। ଏବେ ରାଜ୍ୟ ସରକାର ଚିରାଚରିତ ଢଙ୍ଗରେ ଯେଉଁ ବନ୍ୟା ସହାୟତା ଘୋଷଣା କରିଛନ୍ତି ଏହା କେବଳ ଧର୍ମକୁ ଆଖିଠାର। ଏଥିରେ କିଛି ନୂତନତ୍ୱ ନାହିଁ। ଦ୍ୱିତୀୟତଃ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଯେଉଁ କୃଷି ଇନପୁଟ୍ ସହାୟତା ରାଶି ଯୋଗାଇ ଦେବାର ବ୍ୟବସ୍ଥା ରହିଛି ଏଥିରେ ଚାଷୀର ଫସଲ କ୍ଷତି ଭରଣାରେ ଆଦୌ ସମ୍ଭବପର ନୁହେଁ। କାରଣ ଏକ ହେକ୍ଟର ଧାନ ଚାଷ ପାଇଁ ପ୍ରାୟ ୬୦ ହଜାର ଟଙ୍କା ଖର୍ଚ୍ଚ। ଏଥିରେ ଯଦି ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଜଳସେଚିତ ଅଞ୍ଚଳ ପାଇଁ ପ୍ରତି ହେକ୍ଟର ପିଛା ୧୩,୫୦୦ ଓ ଅଣ ଜଳସେଚିତ ପାଇଁ ୬,୮୦୦ଟଙ୍କା କୃଷି ଇନପୁଟ୍ ସହାୟତା ଯୋଗାଇ ଦିଆଯାଏ ଏଥିରେ ଚାଷୀ ଲାଭ ପାଇବ କ'ଣ? ତେଣୁ ପ୍ରଚଳିତ କୃଷି ଇନପୁଟ୍ ସହାୟତା ରାଶିର ଦୁଇଗୁଣା ବୃଦ୍ଧି କରାଯିବା ଅତ୍ୟନ୍ତ ଜରୁରୀ। ଉକ୍ତ ଦାବୀପତ୍ରରେ:- ସରକାରଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଫସଲ କ୍ଷୟକ୍ଷତିର ପୁନଃ ଆକଳନ, ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ଅତି ସଅଳ କିସମ ଧାନ ଓ ଡାଲିଜାତୀୟ ବିହନ, ଚିନାବାଦାମ ମଞ୍ଜି ଓ ଆବଶ୍ୟକ ସ୍ଥଳେ ଧାନ ତଳି ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇଦେବା, ରବିଚାଷ ପାଇଁ ବିହନ ଓ ପନିପରିବା ମଞ୍ଜି ଯୋଗାଣ, ବନ୍ୟାକ୍ଷତିଗ୍ରସ୍ତ ଚାଷୀଙ୍କୁ ସାର, କୀଟନାଶକ ଔଷଧ ରିହାତି ଅର୍ଥରେ ଯୋଗାଇଦେବା, ସମସ୍ତ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ରବି ଚାଷ ପାଇଁ ବିନା ସୁଧରେ କୃଷି ଋଣ ପ୍ରଦାନ, ପ୍ରଚଳିତ ରିଲିଫ୍ କୋଡ଼୍‌ର ସଂଶୋଧନ, ଧାନ ଫସଲର କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୩୦ ହଜାର ଟଙ୍କା ଓ ପନିପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ଫସଲ କ୍ଷତିଗ୍ରସ୍ତ ଭାଗଚାଷୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ, ମନରେଗାରେ କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ୨୦୦ ଦିନ ପର୍ଯ୍ୟନ୍ତ ଶ୍ରମ ବ୍ୟବସ୍ଥା, କେନାଲରେ ରବି ପାଣି ଯୋଗାଣକୁ ତ୍ୱରାନ୍ୱିତ କରିବା, ପ୍ରତି ଚାଷୀଙ୍କୁ ୯୦ ପ୍ରତିଶତ ସରକାରୀ ସହାୟତାରେ ଏକକ ଲିଫ୍ଟ ପଏଣ୍ଟ ବ୍ୟବସ୍ଥା, ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ବ୍ୟବସ୍ଥା ଥିବା କୃଷି ଇନପୁଟ୍ ସହାୟତା ରାଶିର ଦୁଇଗୁଣା ବୃଦ୍ଧି, ଫସଲବୀମା କରିଥିବା ଚାଷୀ ଯଦି ଚାଷର ଏକମାସ ମଧ୍ୟରେ ସେମାନଙ୍କର ଫସଲ (ତଳି) ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ସେହି କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ସର୍ତ୍ତାବଳୀ ଅନୁଯାୟୀ ଅଗ୍ରୀମ ବୀମା କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରିବାକୁ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଧ୍ରୁବ ଚରଣ ପରିଡ଼ା, ବସନ୍ତ କୁମାର ମାହାରଣା, ଦାଶରଥି ସାହୁ, ନାରାୟଣ ପରିଡ଼ା, ସଦାନନ୍ଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ସମାରୋହ



ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ ଓ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଜାରକାସ୍ଥିତ ସିଭିକ ସେଂଟର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରି, ଧର୍ମଶାଳା ସାହିତ୍ୟ ସଂସ୍କୃତିର ଗନ୍ତାଘର, ଗୋକର୍ଣ୍ଣିକା ସାହିତ୍ୟ ସମାଜ ଦୀର୍ଘ ୪୭ ବର୍ଷ ଧରି ଗ୍ରାମାଂଚଳରେ ସାହିତ୍ୟ ସଭା କରିଆସୁଥିବା ବେଳେ ଏହାର ସାହିତ୍ୟ ପତ୍ରିକା ଗୋକର୍ଣ୍ଣିକା ୪୫ ବର୍ଷ ଧରି ବହୁ ଯୁବ ସାହିତ୍ୟିକଙ୍କୁ ସୃଷ୍ଟି କରିଛି । କ୍ଷମତାରେ ଥାଇ ସାହିତ୍ୟ ସଂସ୍କୃତିକୁ ସମ୍ମାନ କରୁ ନଥିବା ବ୍ୟକ୍ତି ମଣିଷ ନୁହେଁ ପଶୁ ସାଙ୍ଗରେ ସମାନ । ଏହି ଅନୁଷ୍ଠାନକୁ ରାଜ୍ୟସ୍ତରରେ ସମ୍ମାନିତ କରିବା ଆମର ସମସ୍ତଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଗୋକର୍ଣ୍ଣିକା ପତ୍ରିକା ହେଉଛି ଓଡିଶାର ଏକ ପ୍ରମୁଖ ସାହିତ୍ୟ ପତ୍ରିକା । ଯାହାକି ଜାରକା ଭଳି ଗ୍ରାମାଂଚଳରୁ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହୋଇଆସୁଛି । ସ୍ୱକ୍ରିୟ ସାରସ୍ୱତ ଶୈଳୀରେ ଜୀବନର ବିବିଧ ଭାଗକୁ ଉନ୍ମୋଚନ କରିବାରେ ପଣ୍ଡିତ ତ୍ରିପାଠୀ ସଫଳ ହୋଇଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅତିଥିମାନେ ଶରତଚନ୍ଦ୍ର ନାୟକଙ୍କ ପୁସ୍ତକ 'ସର୍ଙ୍କିର୍ତ୍ତନ ସଙ୍ଗୀତ ମାଳା' ଓ ସରୋଜକାନ୍ତ ପରିଜାଙ୍କ 'ଗୀତରେ ଗୀତରେ ବଡମଣିଷ' ପୁସ୍ତକକୁ ଉନ୍ମୋଚନ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କୁ ମର୍ଯ୍ୟାଦାଜନକ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ- ୨୦୨୨ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ ସାହିତ୍ୟିକ ଚିତରଂଜନ ବ୍ରହ୍ମା (ରାଉରକେଲା)ଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ଶିଶୁ ସାହିତ୍ୟିକ ସରୋଜ କୁମାର ପରିଜା (ବାଲିଚନ୍ଦ୍ରପୁର)ଙ୍କୁ ଶିଶୁ ସାହିତ୍ୟ ସମ୍ମାନ, କବି ଡ. ଯତିନ୍ଦ୍ର କୁମାର ରାଉତ (ବି ବି ମହାବିଦ୍ୟାଳୟ, ଚଣ୍ଡିଖୋଲ)ଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମାନପତ୍ରଗୁଡ଼ିକୁ ଡ. ଇନ୍ଦୁପ୍ରଭା ସାମଲ, ଗାୟତ୍ରୀ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ପାଠ କରିଥିଲେ। ପରେ ଅତିଥିମାନଙ୍କୁ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଓ ବିଦ୍ୟାଧର ସାହୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ହୃଷିକେଶ ସାମଲ ବିବରଣୀ ପାଠ କରିଥିବା ବେଳେ ଡ. ତୁହିନାଂଶୁ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପକ ବିଜୟ କୁମାର ନାୟକ, ମଂଚ ନିମନ୍ତ୍ରଣ କରିଥିବା ବେଳେ, ବ୍ରଜକିଶୋର ଦାଶ ପବିତ୍ର ବେଦପାଠ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ରଚିତ ଆବାହନୀ ସଙ୍ଗୀତ 'ହେ ମୋର ଅନ୍ତର୍ଯ୍ୟାମୀ' ଗାନ କରାଯାଇଥିବା ବେଳେ ବ୍ୟାସଶ୍ରୀ କଳା ନିକେତନର ଛାତ୍ରଛାତ୍ରୀମାନେ ସମ୍ପାଦକ ବାଇଧର ମାଝିଙ୍କ ନିର୍ଦ୍ଦେଶନାରେ ସ୍ୱର୍ଗତଃ ତ୍ରିପାଠୀଙ୍କ ଦ୍ୱାରା ରଚିତ ନୃତ୍ୟନାଟିକା ପରିବେଷଣ କରିଥିଲେ। ଆଇନଜୀବୀ ସନ୍ତୋଷ କୁମାର ତରାଇ, ନାରାୟଣ କୁମାର ରଥ, ରିତା ବାରିକ, ବ୍ରଜରାଜ ତ୍ରିପାଠୀ, ଆଲୋକ ରଂଜନ ବିଶ୍ୱାଳ, ନରେନ୍ଦ୍ର ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ରୁଦ୍ରନାରାୟଣ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଜନଜାତି ସମାବେଶରେ ଯୋଗଦେଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ



ଧର୍ମଶାଳା (ପିଏନ୍): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ତିନିଦିନିଆ ଯାଜପୁର ଗସ୍ତରେ ଆସିଥିବା ବେଳେ ଗତକାଲି ସେ ଧର୍ମଶାଳା ଗସ୍ତ କରି ବଉଳମାଳ ପଂଚାୟତର ଇଛାପୁର ଖେଳପଡିଆରେ ଅନୁଷ୍ଠିତ ଜନଜାତି ସମାବେଶରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ତୃଣମୂଳ ସ୍ତରରେ ପହଂଚାଉ ନଥିବା ଅଭିଯୋଗ କରିଥିଲେ। ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ କବାଟବନ୍ଧଠାରୁ ମନ୍ତ୍ରୀଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ସଭାମଂଚ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ଏହି ସମାବେଶରେ ଅଧ୍ୟକ୍ଷତା କରିଥିଲେ। ଏହି ସମାବେଶରେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଶ୍ରୀ ମୁଣ୍ଡା କହିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ କରୋନା ଟିକା ଲୋକମାନଙ୍କୁ ନୂଆ ଜୀବନ ଦେଇଛି। ଲୋକେ ଆଉ କରୋନାକୁ ନଡରି ସ୍ୱାଭାବିକ ଜୀବନଯାପନ କରୁଛନ୍ତି ବୋଲି ସେ କହିଛନ୍ତି। ଯାଜପୁର ଜିଲ୍ଲା ଖଣିଜ ସମ୍ପଦରେ ଭରପୁର ଥାଇ ମଧ୍ୟ ଅନୁସୂଚିତ ଜନଜାତି ଓ ଗରିବ ଲୋକମାନଙ୍କର ସେଭଳି ଉନ୍ନତି ହୋଇନାହିଁ। ଖଣିଜ ସମ୍ପଦ ଟଙ୍କା କେଉଁଆଡେ ଯାଉଛି ବୋଲି କହି ରାଜ୍ୟ ସରକାରଙ୍କୁ ତେରଛା ବାଣ ମାରିଥିଲେ। ସଭାରେ ଯୋଗଦେବା ପରେ ମନ୍ତ୍ରୀ ସ୍ଥାନୀୟ ଖଜୁରିବାଟି ଗାଁର ମନୋଜ ଘଡେଇଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଥିଲେ। ଏହି ସମାବେଶରେ ଆଖପାଖ ଅଂଚଳର ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ।

## ଜଗନ୍ନାଥଙ୍କ ଆଗରେ କାନ ଧରି ଭୁଲ ମାଗିଲେ ଟେଣ୍ଟ ହାଉସ ମାଲିକ

ବାଲେଶ୍ୱର (ପିଏନ୍)-ଜଗନ୍ନାଥଙ୍କ ପ୍ରତିକୃତିକୁ ଦଉଡ଼ିରେ ବାନ୍ଧି ଗାଡ଼ିରେ ଲଦି ନେବା ପରି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱରରେ। ବାଲେଶ୍ୱର ଫକୀରମୋହନ ଗୋଲେଇ ନିକଟରେ ରଥ ଆକୃତିର ଏକ ତୋରଣ ତିଆରି ହୋଇଥିଲା। ଜଳେଶ୍ୱର ଅଞ୍ଚଳର ଏକ ଟେଣ୍ଟ ହାଉସ ଏହାକୁ ତିଆରି କରିଥିଲା। ସେଠାରେ ସୋଲରେ ତିଆରି ଜଗନ୍ନାଥଙ୍କ ପ୍ରତିକୃତି ଲାଗିଥିଲା। ତେବେ ପୂଜା ପରେ ତୋରଣରେ ବ୍ୟବହୃତ ହୋଇଥିବା ବାଉଁଶ କନା ଓ ଅନ୍ୟ ଜିନିଷ ସହ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତିକୁ ଟେଣ୍ଟ ହାଉସ ମାଲିକ ଗାଡ଼ିର ଡାଲାରେ ବାନ୍ଧି ନେଉଥିଲେ। ଏହି ସମୟର ଦୃଶ୍ୟକୁ ଜଣେ କାର୍ ଚାଳକ ଦେଖି ଭିଡ଼ିଓ ଉତ୍ତୋଳନ ସହ ଏହାକୁ ବିରୋଧ କରିଥିଲେ। ଗାଡ଼ି ଡାଲାରେ ଶ୍ରୀଜଗନ୍ନାଥଙ୍କୁ ବାନ୍ଧି ନେବାର ଦୃଶ୍ୟ ବିଭିନ୍ନ ସାମାଜିକ ଗଣମାଧମରେ ଭାଇରାଲ ହୋଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବସ୍ତା କଂଗ୍ରେସ ଦଳର ଏକ ପ୍ରତିନିଧି ମଣ୍ଡଳୀ ବସ୍ତା ଥାନାକୁ ଯାଇ ସଂପୃକ୍ତ ଟେଣ୍ଟ ହାଉସ ମାଲିକଙ୍କ ନାମରେ ଏତଲା ଦେଇଥିବା ଜନୈକ ଯୁବନେତା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ସମ୍ବେଦନଶୀଳତାକୁ ଟେଣ୍ଟ ହାଉସ ମାଲିକ ଓ କର୍ମଚାରୀମାନେ ହୃଦୟଙ୍ଗମ କରି ନିଜର ଭୁଲ ବୁଝିଛନ୍ତି। ଫଳରେ ସେମାନେ ଯାଇ କାଳିଆ ଠାକୁରଙ୍କ ପାଖରେ କାନ ଧରି କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି।

### ଉତ୍କଳ ବିପନ୍ନ ସହାୟତା ସମିତିର ସେବା କାର୍ଯ୍ୟ



ଭୁବନେଶ୍ୱର (ପିଏନ୍): ଚଳିତ ବର୍ଷ ବନ୍ୟାରେ ୧୬ଟି ଜିଲ୍ଲା ପ୍ରଭାବିତ ହୋଇଛି ବୋଲି ସରକାରୀ ଭାବରେ ଘୋଷଣା କରାଯାଇଅଛି। ଏସ୍.ଆର.ସି.ଙ୍କ ଦ୍ୱାରା ବନ୍ୟା ଆଶଙ୍କା ଥିବାରୁ ବନ୍ୟା ଅଂଚଳମାନଙ୍କରେ ନିୟମିତ ବିବରଣୀ ପ୍ରକାଶ କରାଯାଇଥିବାରୁ ଧନ ଜୀବନ ହାନି ନ ହୋଇଥିଲେ ମଧ ଉକ୍ତ ଅଂଚଳରେ ଲୋକମାନଙ୍କର ଗୋଟିଏ ବର୍ଷର ଖାଦ୍ୟ ଯଥା-ଧାନ ଓ ପରିବାପତ୍ର ପଚିସଢ଼ି ନଷ୍ଟ ହୋଇଛି। ସମିତି ତରଫରୁ ବନ୍ୟା ପ୍ରପିଡୀତ ଅଂଚଳ ଯଥା- ଡେଲାଙ୍ଗ, ପିପିଲି, ଗୋପ, କଣାସ ଆଦି ସ୍ଥାନରେ ଶୁଖିଲା ଖାଦ୍ୟ, ଚୁଡ଼ା, ଗୁଡ଼, ବିସ୍କୁଟ ଆଦି ବଂଟନ କରାଯାଇଅଛି ବୋଲି ସମିତିର ସମ୍ପାଦକ ଶ୍ରୀ ଅଚ୍ୟୁତାନନ୍ଦ ପାଣିଗ୍ରାହୀ ଜଣାଇଅଛନ୍ତି।

## ଇଚ୍ଛାମୃତ୍ୟୁ ନିବେଦନ କରିଥିବା ବିଜୟ ବିଷପାନ କଲେ

ବାଲେଶ୍ୱର (ପିଏନ୍)- ଖନ୍ତାପଡ଼ା ଥାନା ବରୁଣସୀ ଅଞ୍ଚଳର ବିଜୟ ଜେନା ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ୨୦୧୮ ମସିହାରେ ଏକ ରାସ୍ତା ଦୁର୍ଘଟଣାରେ ନିଜର ମେରୁଦଣ୍ଡରେ ଆଘାତ ଯୋଗୁଁ ଶଯ୍ୟାଶାୟୀ ହୋଇ ଲୋକଙ୍କ ସାହାଯ୍ୟରେ ଚିକିତ୍ସା ହେଉଥିଲେ। ଛାତି ପାଖରୁ ଗୋଡ଼ ପର୍ଯ୍ୟନ୍ତ କୌଣସି ଅଙ୍ଗପ୍ରତ୍ୟଙ୍ଗ କାମ କରୁ ନ ଥିଲା। ଗରିବ ଘରର ହୋଇଥିବା ଯୋଗୁଁ ଜିଲ୍ଲା ପ୍ରଶାସନଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ନିକଟରେ ଗୁହାରୀ କରିଥିଲେ ସୁଦ୍ଧା ବିଜୟଙ୍କ କଥା କେହି ଶୁଣିନଥିଲେ। ଏପରିକି ତାଙ୍କୁ ଘର ଖଣ୍ଡିଏ ମିଳିନାହିଁ। ସାଢ଼େ ଚାରିବର୍ଷ ଏହିଭଳି ଯନ୍ତ୍ରଣାରେ ଘାଣ୍ଟି ହେବା ପରେ ଶେଷରେ ଅଗଷ୍ଟ ମାସରେ ଟୁଇଟ୍ କରି ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ଏପରି ସମୟରେ ବିଜୟ ଏକ ସାର ଦୋକାନରୁ ବିଷ କିଣି ପିଇ ଦେଇଥିବା ଭିଡ଼ିଓ କରି ସାଙ୍ଗସାଥୀମାନଙ୍କୁ ଜଣାଇଥିଲେ। ମୁମୂର୍ଷୁ ଅବସ୍ଥାରେ ଘର ଲୋକ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୧୩

## ବିପର୍ଯ୍ୟସ୍ତ ଗ୍ରାମ୍ୟଜୀବନ



ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ । ଏପରିକି ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେ ହୁଅନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ । ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖ ଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଉତ୍ସବ ମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । କେଉଁଠି ନିଜ ପିଲାଙ୍କୁ ଗାଁ ସ୍କୁଲରେ ପାଠ ନ ପଢ଼ାଇ ସହରରେ ପାଠ ପଢ଼ାଇବାର ମୋହ ପାରିବାରିକ ସଂପର୍କରେ ଠିଆ କରାଇଛି ପାଚେରୀ ତ ଆଉ କେଉଁଠି ଭାଇ ଭାଇ ଭିତରେ ଭାଗ ବଣ୍ଟାକୁ ନେଇ ଚୂଡ଼ାନ୍ତ ଫଇସଲା ପାଇଁ ଭଦ୍ରଲୋକଙ୍କୁ ଡକା ଯାଇଛି । ଲାଗୁଛି ସ୍ୱାର୍ଥ ସର୍ବସ୍ୱ ଏ ଦୁନିଆରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର । ଗାଁ ମନ୍ଦିର ପରିସର ଆଜି ତରୁଣ ଗୋଷ୍ଠୀର ଗଞ୍ଜେଇ ଆଖଡ଼ାରେ ପରିଣତ ହେବା ଠାରୁ ଆରମ୍ଭ କରି; ରାଜନୀତି ଆଜି ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀର ସ୍ୱପ୍ନର ସମ୍ଭାର ପାଲଟିଛି । ଫଳରେ ଗାଁ ମଧ୍ୟ ଦି' ଭାଗ ହେବାରେ ଲାଗିଛି । ଏକ ମନ ହୋଇ ଚଳୁଥିବା ଗାଁ ଲୋକ ଆଜି ରକ୍ତମୁଖା ଦିଶୁଛନ୍ତି । ଆଜି ଗାଁରେ ବାପା-ମାଆ, କକା-ଖୁଡ଼ି, ମଉସା-ମାଉସୀ, ପିଉସା-ପିଉସି, ଭାଇନା-ଭାଉଜ, ମାମୁ-ମାଇଁ, ସଙ୍ଗାତ, ମଇତ୍ର ଭଳି ଆତ୍ମୀୟତାର ଉଚ୍ଚାରଣ ଭିତରେ ପରସ୍ପର ଡକାଡକି ହେଉଥିବା ସଂପର୍କ ସବୁ ଶିଥିଳ ହୋଇ ପଡ଼ିଛି । ଏପରିକି ଅନେକ ଘଟଣାରେ ଗାଁ ମାମଲତକାରମାନଙ୍କର ଅଦ୍ଭୁତ ନ୍ୟାୟନିଶାପ ଗ୍ରାମ୍ୟ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଛି । ଏହାସହ ଗାଁରେ ସରକାରଙ୍କ ଦ୍ୱାରା ପ୍ରଚଳିତ ସବୁ ବ୍ୟବସ୍ଥା କିପରି ଉପହସିତ ତାହା କଣ୍ଟ୍ରୋଲ ଦୋକାନର ଚିତ୍ର ଭିତରୁ ସ୍ପଷ୍ଟ ହୋଇପଡୁଛି । ଗାଁର ଶିକ୍ଷିତ ଗୋଷ୍ଠୀ କୌଳିକ ବୃତ୍ତି ବିମୁଖ ହୋଇ ସହର ଅଭିମୁଖେ ଅନ୍ଧଭାବରେ ଯାତ୍ରା; ଗାଁ ପ୍ରତି ଥିବା ସୂକ୍ଷ୍ମ ସଂପର୍କର ଡୋରୀକୁ ଶିଥିଳ କରିଦେଇଛି । ଏପରିକି ସହରର ଚାକଚକ୍ୟ ଅନେକ ପରିବାରରେ ଆଣିଛି ଦାରୁଣ ବିଡ଼ମ୍ବନା । କାରଣ ବାପାମାଆ ଯେଉଁ ପୁଅର ପାଠପଢ଼ାରେ ସମଗ୍ର ଜୀବନକୁ ସମର୍ପି ଦେଇଛନ୍ତି; ସେହି ପୁଅ ଏକ ଧନୀ ଦୁଲାଳୀକୁ ବାହା ହେବା ପରେ ଭୁଲିଯାଉଛି ଆପଣାର ଅତୀତ ଓ ବାପାମାଆଙ୍କୁ । ବସ୍ତୁତଃ ଏହାହିଁ ହେଉଛି ଆଜି ପ୍ରତି ଗାଁର ନିଚ୍ଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ସୁଦୂର ପରାହତ ।

ପରିଶେଷରେ କେବଳ ଏତିକି କହିବି- ଆଜି ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସଂପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ପ୍ରଗତିର ଶେଷ ବିନ୍ଦୁରେ ଜଗତୀକରଣର ଗୀତ ଗାଉଥିବା ଏ ମଣିଷ ପରମ୍ପରାଠାରୁ ବିଚ୍ଛିନ୍ନ ହେବା ସମ୍ଭବ ନୁହେଁ । ଆପଣା ମାଟି, ପାଣି, ପବନ ଓ ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବ□ିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସବୁ ମଣିଷ ପାଇଁ ମାଟି ହିଁ ହେଉଛି ମା'ର ରୂପାନ୍ତର । ଖୁବ୍ ନିବିଡ଼ ଓ ଆତ୍ମୀୟ । କିନ୍ତୁ ଏ ମାଟିରେ ଚଳପ୍ରଚଳ କରୁଥିବା ମଣିଷ ଗୁଡ଼ିକ ଭାବରେ ଓ ରକ୍ତରେ ଆତ୍ମୀୟ ହେବା ସତ୍ତ୍ୱେ; ଭୋଗ ସର୍ବସ୍ୱ ମନୋବୃତ୍ତି ନେଇ ଅଚିହ୍ନା ପାଲଟି ଯାଇଛନ୍ତି । ଏହାହିଁ ହେଉଛି ଚଳନ୍ତି ସମୟର ଦୁଃଖ ।

## ସାମ୍ପ୍ରତିକ ଜୀବନବୋଧ

ସମାଜରେ ଚଳପ୍ରଚଳ କରୁଥିବା ମଣିଷମାନେ ନିତ୍ୟ ପ୍ରତ୍ୟହ ଘଟଣାବଳୀର ସାର୍ଥକ ସମନ୍ୱୟ । ମଣିଷ ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ପରିବାର ଓ ସମାଜ । ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ- ବ□ିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରି ଆସିଛି । ବସ୍ତୁତଃ କହିବାକୁ ଗଲେ ଚଳନ୍ତି ସମୟର ମଣିଷ ହେଉଛି- କାଳର ଏକ କରୁଣ ପରିଣତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମେ ନିଜର ଅନେକ ସମସ୍ୟା ସମାଧାନ କରିଥିଲେ ମଧ୍ୟ ଅନେକ ନୂତନ ସମସ୍ୟା ଦେଖାଦେଇଛି । କ୍ରମେ ମଣିଷର ନୈତିକ ଚିନ୍ତାଧାରା ଓ ଆଦର୍ଶ ବିଡମ୍ବିତ ହୋଇଛି । ଫଳରେ ସ୍ୱାଧୀନ ଭାରତର ଜନସାଧାରଣ ଦେଖିଥିବା ନୂତନ ଆଶାର ସ୍ୱପ୍ନ କାଳବକ୍ଷରେ ତିରୋହିତ ହୋଇଯାଇଛି । ସମାଜରେ ଆଶାତୀତ ଭାବେ ବିଭିନ୍ନ ଅପରାଧ, ଚୋରି, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଦୁର୍ନୀତି, ଯୌତୁକଜନିତ ହତ୍ୟା ଓ ଅମାନୁଷିକତା ବୃଦ୍ଧି ପାଇବାରେ ଲାଗିଛି । ଅର୍ଥ ଲାଳସା, ପ୍ରବ□ନା, ମିଥ୍ୟା ଓ ପ୍ରଚାରଧର୍ମିତା ମଣିଷର ମଣିଷପଣିଆକୁ କଳୁଷିତ କରିଛି । ଶୋଷକମାନେ ସେବକ ବେଶରେ ରାଜନୀତି ମ□ରେ ଅନୁପ୍ରବେଶ କରିବା ଫଳରେ ସେବା ଓ ତ୍ୟାଗ ହୋଇଛି ବିଡମ୍ବିତ । ଏ ପ୍ରକାର ଅଶ୍ୱସ୍ତିକର ପରିବେଶ ଭିତରେ ଆଜିର ମଣିଷ ବ□ିଛି । ସବୁବେଳେ ତା' ଆଖି ଆଗରେ ଫୁଟି ଉଠିଛି ଏକ ଅନ୍ଧକାର ସମାଜର ଚିତ୍ର । ଏକ ଦିଗରେ ବିଜ୍ଞାନର ଅଗ୍ରଗତି ହେଲେ ଅପର ପକ୍ଷରେ ରହିଛି ଦାରିଦ୍ର୍ୟ, ବ୍ୟାଧି ଓ କ୍ଷୁଧା ତୃଷ୍ଣାର ତାଡ଼ନା । ପ୍ରକୃତ ପକ୍ଷେ କହିବାକୁ ଗଲେ ଆଜି ମଣିଷର ସାମାଜିକ ଜୀବନ ହୋଇଉଠିଛି ସମସ୍ୟାକ୍ଳିଷ୍ଟ । ଏପରିକି ଆଧ୍ୟାତ୍ମିକ ଓ ମାନସିକ ଭାବସତ୍ତା ହୋଇଉଠିଛି ତା'ଠୁ ଅଧିକ ବିପର୍ଯ୍ୟସ୍ତ । ଆଜି ମଣିଷ ଏକ ଧୂସର ଉପତ୍ୟକାର ଅଧିବାସୀ । ସଫଳତା ଓ ସ୍ୱୀକୃତିର ଘୋଡ଼ା ଦୌଡ଼ରେ ସେ ଅଣନିଃଶ୍ୱାସୀ । ସଫଳତାର ସିଡ଼ି ଚଢ଼ାରେ ସେ ଲଗାଇଛି ଆପଣାର ମୂଲ୍ୟବୋଧ । ଏପରିକି ଆଧ୍ୟାତ୍ମିକ ବିଶ୍ୱାସହୀନତା ମଣିଷ ପାଇଁ ସୃଷ୍ଟି କରିଛି ଏକ ନାହିଁ ନାହିଁର ଉପତ୍ୟକା । ବସ୍ତୁତଃ ଏହାହିଁ ହେଉଛି ସାମ୍ପ୍ରତିକ ସମାଜର ଏକ ନିଚ୍ଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଏବଂ ସୌହାର୍ଦ୍ଦ୍ୟ ସୁଦୂର ପରାହତ । ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଥିବା ସତ୍ୟ ମନେହୁଏ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭

### ଆଜିର ଅନୁଚିନ୍ତା

**ଆଚରଣଶୀଳ ବ୍ୟକ୍ତି ହିଁ ଆଚାର୍ଯ୍ୟ ପଦବାଚ୍ୟ ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**

## ବଢୁଛି ଇଡିର ଶିଢି

ସୌମେନ୍ଦ୍ର ଜେନା



ଦେଶର ଭିନ୍ନ ଭିନ୍ନ ପ୍ରଦେଶରେ ଇଡିର ଅନେକ ଚଢାଉ ରାଜନେତା, ଠକ ବ୍ୟବସାୟୀ, ଟଙ୍କା ଜମାଖୋର, ଦୁର୍ନୀତିଗ୍ରସ୍ତ ଅଧିକାରୀ ଏବଂ ସେମାନଙ୍କ ସଂପର୍କୀୟ ଗଣମାଧ୍ୟମର ପ୍ରତିନିଧି ଓ ସମର୍ଥକମାନଙ୍କୁ ନିରାଶ କରିଥିବା ସମୟରେ ସାଧାରଣ ଜନତାଙ୍କ ମନରେ ବ୍ୟବସ୍ଥା ପ୍ରତି ଅଧିକ ବିଶ୍ୱାସ ବୃଦ୍ଧି କରିଛି । ସାଧାରଣ ଜନତାଙ୍କ ଅର୍ଥକୁ ଭିନ୍ନ ଭିନ୍ନ ମାର୍ଗରେ କିଛି ଲୋକ ନିଜର ସଂପତ୍ତିରେ ପରିଣତ କରିବା ପ୍ରକ୍ରିୟାରେ ଇଡି ଅନେକ ସ୍ଥାନରେ ପ୍ରତିବନ୍ଧକ ହୋଇଛି । ତେଣୁ ଏପ୍ରକାର ଚଢାଉରେ ସେମାନଙ୍କ ଗାତ୍ରଦାହ ହେବା ସ୍ୱାଭାବିକ । ନିଜର ଅପକର୍ମକୁ ଲୁଚାଇବାକୁ ଯାଇ ସେମାନେ ଉତ୍କ୍ଷିପ୍ତ ହେବା, ଧାରଣା ଦେବା, ସମର୍ଥକଙ୍କୁ ଧରି ବିକ୍ଷୋଭ କରିବାରେ କିଛି ନୂଆ କଥା ନାହିଁ । ଦେଶ ଓ ଜନତାଙ୍କ ସଂପତ୍ତିକୁ ଲୁଟୁଥିବା ଲୋକମାନଙ୍କ ମୁଖାଗୁଡିକୁ ମୁହଁରୁ ଖସାଇବାକୁ ଇଡି ଯେପରି ଦିନକୁ ଦିନ ଅଧିକରୁ ଅଧିକ ଚଢାଉ ଜାରିରଖି ସଂପତ୍ତି ଜବତ କରୁଛି ତାହା ସାଧାରଣରେ ପ୍ରଶଂସାର କାରଣ ହୋଇଛି । ମୁକ୍ତବଜାର ଅର୍ଥନୀତି ସମୟରେ ଆନ୍ତର୍ଜାତିକ ବାଣିଜ୍ୟିକ ସଂପର୍କ ବଢୁଥିବା ଯୋଗୁ ଦେଣନେଣ ଢେର ବଢିଯାଇଛି । ସେମିତି କମ୍ପାନୀ, ପେସାଦାର ଲୋକଙ୍କ ସଂଖ୍ୟା ମଧ୍ୟ ବଢିଛି । ରୋଜଗାର ଦିନକୁ ଦିନ ବଢୁଥିଲା ବେଳେ ସୁବିଧାକୁ ହାତେଇବା ପାଇଁ ପ୍ରୟାସ ମଧ୍ୟ ବଢିବାରେ ଲାଗିଛି । ଏହି ପରିସ୍ଥିତିରେ ବ୍ୟବସାୟୀଙ୍କ ନଗଦ ଟଙ୍କା ଜମାଖୋରୀ, ଅଧିକାରୀମାନଙ୍କ କଳାଟଙ୍କା ଜମାଖୋରୀ, ଦୁର୍ନୀତିଗ୍ରସ୍ତ ନେତାମାନଙ୍କ ଜାଲିଆତି ଆଶାତୀତ ବୃଦ୍ଧି ପାଇଛି । ଏମାନଙ୍କ ଉପରେ ସବୁବେଳେ ଦୃଷ୍ଟିରଖି କଳାଧନ ଜବତ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସର୍ତ୍ତକତାର ସହ ପ୍ରୟାସ ଜାରି ରଖିଛି ।

ଇଡିର ଚଢାଉ ଅକସ୍ମାତ ସନ୍ଦେହଯୁକ୍ତ ଲୋକର ଘର ଉପରେ ହୋଇଥାଏ । କର୍ମଚାରୀମାନେ ଚଢାଉ କରିବା ପୂର୍ବରୁ ଲୋକଙ୍କୁ ୱାରେଣ୍ଟ ଦେଖାଇ କାର୍ଯ୍ୟରେ ସହଯୋଗ କରିବାକୁ କହିଥା'ନ୍ତି । ଘର ଭିତରୁ ଫଟୋ କିମ୍ବା ତଥ୍ୟ ଯେପରି ତୁରନ୍ତ ବାହାରକୁ ପଠା ନ ଯାଏ ସେଥିପାଇଁ ପ୍ରଥମେ ମୋବାଇଲଗୁଡିକୁ ଜବତ କରାଯାଇଥାଏ । ଚାଲୁଥିବା କମ୍ପ୍ୟୁଟରକୁ ବନ୍ଦ କରାଯାଏ । ଘରେ ଥିବା ଲୋକମାନଙ୍କୁ ତଦନ୍ତରେ ସହଯୋଗ କରିବା ଲାଗି କୁହାଯାଇଥାଏ । ୨୦୦୨ର ଅର୍ଥ ଜାଲିଆତି ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ), ୧୯୯୯ର ବିଦେଶୀ ମୁଦ୍ରା ପରିବର୍ତ୍ତନ ପରିଚାଳନା ଆଇନ (ଫେମା), ୨୦୧୮ର ଆର୍ଥିକ ଅପରାଧ ଆଇନ (ଫେଓଆ) ବଳରେ ଏହିସବୁ ଚଢାଉ ହୋଇଥାଏ । ଦେଖିବାକୁ ଗଲେ ସବୁଠୁ ଅଧିକ ଚଢାଉ ଅର୍ଥ ଜାଲିଆତିକୁ ନେଇ ହୋଇଥାଏ । ଏହା ଏକ ଅପରାଧିକ ଆଇନ । ବେଆଇନ ଭାବେ ଅର୍ଜନ କରାଯାଇଥିବା ଅର୍ଥକୁ ଏହି ଆଇନ ଅନୁଯାୟୀ ଇଡି ଜବତ କରେ । ସ୍ୱତନ୍ତ୍ର ଅଦାଲତରେ ଏହି ଜାଲିଆତିକୁ ସାବ୍ୟସ୍ତ କରିବାକୁ ହୋଇଥାଏ । ଦ୍ୱିତୀୟ ଆଇନଟି ଏକ ସିଭିଲ ଆଇନ । ଏହି ଆଇନ ଅନୁଯାୟୀ ଇଡି ଚଢାଉ ଅର୍ଥ ଜବତ କରିବା ସହ ଜୋରିମାନା ଆଦାୟ କରିବାର ବ୍ୟବସ୍ଥା ରହିଛି । କିନ୍ତୁ ଏହି ଆଇନରେ ଗିରଫ କରାଯିବାର ବ୍ୟବସ୍ଥା ନାହିଁ । ତୃତୀୟ ଆଇନରେ ୧୦୦ କୋଟିରୁ ଅଧିକ ମାମଲାର ତଦନ୍ତ ହୋଇଥାଏ । ଫେରାର ଅଭିଯୁକ୍ତର ସଂପତ୍ତିକୁ ଜବତ କରାଯିବା ଲାଗି ଏଥିରେ ବ୍ୟବସ୍ଥା ରହିଛି । ଦୁର୍ନୀତି ନିବାରଣ ବିଭାଗ, ପୁଲିସ, ସିବିଆଇ ପକ୍ଷରୁ ପ୍ରାଥମିକ ଅଭିଯୋଗପତ୍ର (ଏଫଆଇଆର୍) ଦାଖଲ ହୋଇଥିଲେ ଅର୍ଥ ଜାଲିଆତି ମାମଲାରେ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ । ପ୍ରାଥମିକ ସୂଚନା ପାଇବାପରେ ଆର୍ଥିକ ଯା□ ଶାଖା କାର୍ଯ୍ୟ କରେ । ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥର ସୀମାରୁ ଅଧିକ ଦେଣନେଣ ହୋଇଥିଲେ ବ୍ୟାଙ୍କଗୁଡିକରୁ ତଥ୍ୟ ପାଇବାଲାଗି ସଂସ୍ଥା ପକ୍ଷରୁ ଚିଠି ପଠାଯାଇଥାଏ । ସନ୍ଦେହଜନକ ଦେଣନେଣ ହୋଇଥିବା ଦୃଷ୍ଟିକୁ ଆସିଲେ ସେସବୁର ତଥ୍ୟ ସଂଗ୍ରହ କରାଯାଏ । ପ୍ରମାଣ ମିଳିବା ସ୍ଥଳେ ଅଭିଯୋଗ କରାଯାଇଥାଏ । ତେବେ ଅଭିଯୁକ୍ତ ତଥ୍ୟ ଲୁଚାଇପାରେ ବୋଲି ଆଶଙ୍କା କରାଯିବା ସ୍ଥଳେ ଚଢାଉ ହୋଇଥାଏ । କାରଣ କେତେକ ସ୍ଥଳରେ ନୋଟିସ ଦେବାପରେ ଅଭିଯୁକ୍ତ ପ୍ରମାଣ ନଷ୍ଟ କରିବା, କାଗଜପତ୍ର ବଦଳ କରିବାର ସମ୍ଭାବନା ରହିଥାଏ । କେତେକ କ୍ଷେତ୍ରରେ ପ୍ରଥମେ ଅଭିଯୁକ୍ତର ନିକଟ ସହଯୋଗୀଙ୍କ ଉପରେ ପ୍ରଥମେ ଚଢାଉ କରାଯାଇ ତଦନ୍ତ ହୋଇଥାଏ । ଏଥିପାଇଁ ରଣକୌଶଳ ପ୍ରସ୍ତୁତି ବିଭାଗୀୟ ଅଧିକାରୀଙ୍କ ଉପରେ ହିଁ ରହିଥାଏ ।

ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାକୁ ୨୦୧୪ରେ ଆସିବା ପରଠାରୁ ଇଡିର ସକ୍ରୀୟତା ବହୁତ ବଢିଛି । ଯଦି ବିଗତ ୮ବର୍ଷର ମାମଲାକୁ ତୁଳନା କରାଯାଏ, ତେବେ ଜଣାପଡିବ ଯେ ୨୦୧୪-୧୫ ବେଳକୁ ଇଡି ପାଖରେ ପିଏମ୍‌ଏଲ୍‌ଏ ମାମଲା ୧୭୮ଟି ରହିଥିଲା ବେଳେ ୨୦୨୧-୨୨ରେ ତାହା ବଢି ୧୧୮୦ରେ ପହ□ିଛି । ଠିକ୍ ସେମିତି ୯୧୫ଟି ଫେମା ମାମଲା ୨୦୧୪-୧୫ ସୁଦ୍ଧା ଥିଲା । ୨୦୨୧-୨୨ ବେଳକୁ ତାହା ୫୩୧୩ରେ ପହ□ିଛି । ସେମିତି ଗତ ୬ବର୍ଷର ହିସାବକୁ ଦେଖିଲେ ଜଣାପଡିବ ଯେ ୨୦୧୬-୧୭ରେ ଇଡିର ଚଢାଉ ୪୫୬୭, ନୋଟିସ ଜାରି ୨୨୬, ଗିରଫଦାରି ୩୧ ହୋଇଥିଲା । ୨୦୧୭-୧୮ରେ ଚଢାଉ ୫୮୩୭, ନୋଟିସ ଜାରି ୩୬୮ ଏବଂ ଗିରଫଦାରି ୩୮ହୋଇଥିଲା । ୨୦୧୮-୧୯ରେ ଚଢାଉ ୯୧୭୫, ନୋଟିସ୍ ଜାରି ୫୧୯, ଗିରଫଦାରି ୨୪ ହୋଇଥିଲା । ୨୦୧୯-୨୦ରେ ଚଢାଉ ୧୦୬୬୮, ନୋଟିସ ଜାରି ୩୩୫, ଗିରଫଦାରି ୪୧ ହୋଇଥିଲା । ୨୦୨୦-୨୧ରେ ଚଢାଉ ୧୨୧୭୩, ନୋଟିସ ଜାରି ୫୯୬, ଗିରଫଦାରି ୭୮ ହୋଇଥିଲା । ୨୦୨୧-୨୨ରେ ଚଢାଉ ୧୧୨୫୨, ନୋଟିସ ଜାରି ୫୭୨, ଗିରଫଦାରି ୫୪ ହୋଇଥିଲା । ବିଗତ ୧୭ବର୍ଷରେ ପିଏମ୍‌ଏଲ୍‌ଏ ମାମଲା ୫୪୨୨ଟି ହୋଇଥିଲା । ୧୭୩୯ଟିରେ ମାଲ ଜବତ, ୪୦୦ ଗିରଫଦାରି, ୧.୦୪ ଲକ୍ଷ କୋଟି ଟଙ୍କାର ସଂପତ୍ତି ଜବତ ହେବା ସହ ୨୫ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେମିତି ବିଦେଶୀ ମୁଦ୍ରା କାରବାର (ଫେମା) ମାମଲା ୩୦୭୧୬ଟି ହୋଇଥିଲା ବେଳେ ୧୫୪୯୫ଟି ମାମଲାକୁ ବନ୍ଦ କରାଯାଇଥିଲା । ୮୧୦୯ ମାମଲାରେ ନୋଟିସ ହୋଇଥିଲା । ଆର୍ଥିକ ଜାଲିଆତି ମାମଲା (ଫେଓଆ)ରେ ୧୪ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା । ୯ଜଣଙ୍କୁ ଫେରାର ଘୋଷଣା କରାଯାଇଥିଲା ଏବଂ ୪୩୩ କୋଟି ଟଙ୍କାର ସଂପତ୍ତିକୁ ଜବତ କରାଯାଇଥିଲା ।

ବିଗତ ଦିନରେ ଦେଶରେ ଆର୍ଥିକ ଜାଲିଆତି ଓ ଜମାଖୋରି ବଢିବା ଦେଖିବାକୁ ମିଳିଛି । କେବଳ ଗତ ଚାରିବର୍ଷରେ ଇଡି ପକ୍ଷରୁ ୬୭ ହଜାର କୋଟିର ସଂପତ୍ତିକୁ ଜବତ କରାଯାଇଛି । ୨୦୧୮-୧୯ରେ ୧୫୪୯୦, ୨୦୧୯-୨୦ରେ ୨୮୮୧୫, ୨୦୨୦-୨୧ରେ ୧୪୧୦୭, ୨୦୨୧-୨୨ରେ ୮୯୮୯କୋଟି ଟଙ୍କାର ସଂପତ୍ତିକୁ ଜବତ କରାଯାଇଛି । ଏହାର ପୂର୍ବବର୍ଷଗୁଡିକର ତାଲିକା ଦେଖିଲେ ଜଣାପଡିବ ଯେ ୨୦୧୭-୧୮ରେ ୭୪୩୨ କୋଟି, ୨୦୧୬-୧୭ରେ ୧୧୦୩୨ କୋଟି, ୨୦୧୫-୧୬ରେ ୨୦୦୦ କୋଟି, ୨୦୧୪-୧୫ରେ ୩୬୫୭ କୋଟି, ୨୦୧୩-୧୪ରେ ୧୭୭୩ କୋଟି, ୨୦୧୨-୧୩ରେ ୨୩୫୮ କୋଟି ଟଙ୍କା ଇଡି ପକ୍ଷରୁ ଜବତ କରାଯାଇଥିଲା । ଇଡି ପକ୍ଷରୁ ତଦନ୍ତ ବେଳେ ଫୋନ୍ ଟ୍ୟାପିଂ, ଫୋନ ରେକର୍ଡ, ମୋବାଇଲ କମ୍ପ୍ୟୁଟର ତଥ୍ୟ, ବ୍ୟାଙ୍କ ଜମା ଦେଣନେଣର ରେକର୍ଡ, ସେବିର ଫାଇଲିଂ, କେନ୍ଦ୍ର କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ରେକର୍ଡକୁ ଆଧାର ଭାବେ ଗ୍ରହଣ କରାଯାଇଥାଏ । ଅର୍ଥ ମନ୍ତ୍ରଣାଳୟର ରେଭିନ୍ୟୁ ବିଭାଗର ଅଧୀନରେ ଏକ ଯା□ ସଂସ୍ଥା ଭାବେ ଇଡି କାର୍ଯ୍ୟ କରୁଛି । ୧ ମଇ ୧୯୫୬ରେ ଏହା କାର୍ଯ୍ୟାରମ୍ଭ କରିଥିଲା । ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ରହିଛି ଏବଂ ଆ□ଳିକ କାର୍ଯ୍ୟାଳୟ କୋଲକାତା, ଚେନ୍ନାଇ, ମୁମ୍ବାଇ ଓ ଚଣ୍ଡିଗଡରେ ରହିଛି । ଆର୍ଥିକ ଅପରାଧ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଏବଂ ଆର୍ଥିକ ଆଇନ ଲାଗୁ କରାଇବା ହେଉଛି ଇଡିର କାର୍ଯ୍ୟ । ସଂପ୍ରତି ନେସନାଲ ହେରାଲ୍ଡ୍ ଖବରକାଗଜର ସଂପତ୍ତି ମାମଲାରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି, ସାଂସଦ ରାହୁଲ ଗାନ୍ଧି, ସାଂସଦ ମଲ୍ଲିକାର୍ଜୁନ ଖଡଗେଙ୍କ ବିରୁଦ୍ଧରେ ଇଡି ପକ୍ଷରୁ ଯା□ ଜାରି ରହିଛି । ଅର୍ଥ ଜାଲିଆତି ମାମଲାରେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଅନିଲ ଦେଶମୁଖ, ବେନାମି ସଂପତ୍ତି ମାମଲାରେ ପୂର୍ବତନ ସାଂସଦ ମୁଖତାର ଅନସାରୀ, ଆଇଏନ୍‌ଏକ୍ସ ମିଡିଆ ମାମଲାରେ ପୂର୍ବତନ କେନ୍ଦ୍ରୀୟ ମନ୍ତ୍ରୀ ପି. ଚିଦାମ୍ବରମ୍, ପାତ୍ର ଚଲ୍ ମାମଲାରେ ଶିବସେନା ସାଂସଦ ସଞ୍ଜୟ ରାଉତ ଏବଂ ନିଯୁକ୍ତି ପାଇଁ ଅର୍ଥ ସଂଗ୍ରହ ମାମଲାରେ ପଶ୍ଚିମବଙ୍ଗ ରାଜ୍ୟର ତୃଣମୂଳ କଂଗ୍ରେସ ନେତା ପାର୍ଥ ଚାଟାର୍ଜୀଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ବିରୁଦ୍ଧରେ ଇଡି ପକ୍ଷରୁ ମାମଲା ଚାଲିଛି ।

ସୋନିଆ-ରାହୁଲ କିମ୍ବା ସଞ୍ଜୟଙ୍କୁ ଯା□ ପାଇଁ ଡକାଯିବା ବେଳେ କଂଗ୍ରେସ ଏବଂ ଶିବସେନା ଦଳ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିଲା, ଗଣମାଧ୍ୟମରେ ଇଡି ବିରୋଧୀ ବୟାନବାଜି କରାଯାଇଥିଲା, ଲୋକଙ୍କୁ ମେଳ କରାଇ ନାଲିଆଖି ଦେଖାଇବାକୁ ଚେଷ୍ଟା ହୋଇଥିଲା । କଥାରେ ଅଛି ଚୋରର ମୁହଁ ସବୁବେଳେ ଟାଣ । ଏକଥା ଇଡିକୁ ଜଣାଅଛି ଏବଂ ଦେଖୁଥିବା ସାଧାରଣ ଜନତାଙ୍କୁ ମଧ୍ୟ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

## କଳାବଜାରୀ

ମୂଳହିନ୍ଦୀ-**ହରିଶଂକର ପରସାଇ**
ଅନୁସୃଜନ-**ବିନୟ କୁମାର ଦାସ**

ରାଜାଙ୍କ ନିକଟରେ ଅଭିଯୋଗ ହେଲା ଯେ ଦେଶରେ କଳାବଜାରୀଙ୍କ ସଂଖ୍ୟା ଦିନକୁ ଦିନ ବଢିବଢି ଚାଲିଛି । ଏହାଦ୍ୱାରା ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି । ଦରଦାମ ଉପରେ କାହାରି କିଛି ନିୟନ୍ତ୍ରଣ ରହୁନି । ଆଜି ଗୋଟିଏ ଦର ତ ଆସନ୍ତାକାଲି ଆଉ ଏକ ଦର । ରାଜା ଏକଥା ଉପରେ ଗୁରୁତ୍ୱ ଦେଲେ । ସେ ଅଭିଯୋଗକାରୀଙ୍କୁ ଆଶ୍ୱାସନା ଦେଇ କହିଲେ କି କଳାବଜାରୀମାନଙ୍କୁ ଖୁବ୍ ଶୀଘ୍ର ବିଜୁଳିଖମ୍ବରେ ଝୁଲାଇ ଦିଆଯିବ ।

ଜନତା ଖୁସି ହେଲା । ଯାହାହେଉ ଦେଶରେ ଏବେ କଳାବଜାରୀ ରହିବେ ନାହିଁ । ସେମାନଙ୍କର ମୂଳ ଉତ୍ପାଟନ ହେବା ଦ୍ୱାରା ଦରଦାମ ସ୍ଥିର ରହିବ । ତହିଁ ପରଦିନ ଲୋକମାନେ ଧାଇଁଲେ ବିଜୁଳି ଖମ୍ବ ପାଖକୁ । ବିଜୁଳିଖମ୍ବକୁ ପୂଜା ଅର୍ଚ୍ଚନା କରିବାକୁ ଲାଗିଲେ । ଫୁଲମାଳ ପିନ୍ଧାଇଦେଲେ । ଧୂପଦୀପ ଜାଳିଲେ । ଚନ୍ଦନ ଲଗାଇ ମୁଣ୍ଡିଆ ମାରିଲେ । ସାରାଦିନ ସେହି ଖମ୍ବ ତଳେ ବସି ରହି ଭଜନ କୀର୍ତନ କଲେ ।

କିନ୍ତୁ ସନ୍ଧ୍ୟା ସୁଦ୍ଧା କେହି ଜଣକୁ ବି ଖମ୍ବରେ ଝୁଲା ହେବାର ସେମାନେ ଦେଖିବାକୁ ପାଇଲେ ନାହିଁ । ସମସ୍ତେ ନିରାଶ ହୋଇ ନିଜ ନିଜର ଘରକୁ ଫେରିଗଲେ । ଦିନେ ଦୁଇଦିନ ସେମିତି ଚାଲିଲା । ଯେତେ ପୂଜା ଅର୍ଚ୍ଚନା କଲେ ମଧ୍ୟ ବିଜୁଳିଖମ୍ବରେ କଳାବଜାରୀଙ୍କୁ ଝୁଲାଗଲା ନାହିଁ । ତେଣୁ ସାଧାରଣ ଜନତା କ୍ଷୁବ୍ଧ ହୋଇ ଶୋଭାଯାତ୍ରା ବାହାର କଲେ । ଶୋଭାଯାତ୍ରା ରାଜଦରବାରକୁ ଗଲା । ରାଜା କାହିଁକି ନିଜର ପ୍ରତିଶ୍ରୁତି ରକ୍ଷାକଲେନାହିଁ ବୋଲି ପ୍ରଶ୍ନ କରାଗଲା ।

ରାଜା ସମସ୍ତଙ୍କୁ ବୁଝାଇ କହିଦେଲେ, ସରକାରୀ କାମ ସେମିତି ତରବର ଭାବରେ କରାଯାଏ ନାହିଁ । ସେ ନିଜର କଥା ଅନୁସାରେ କାମ ଆରମ୍ଭ କରି ଦେଇଛନ୍ତି । ସେ ଆଦେଶ ଦେଇସାରିଛନ୍ତି କି ସେମିତି କଳାବଜାରୀଙ୍କୁ ଚିହ୍ନଟ କରାଯାଉ । କାମ ଚାଲିଛି । କଳାବଜାରୀ ଖୋଜା ଚାଲିଛି । ମିଳିଯିବା ମାତ୍ରେ ସେମାନଙ୍କୁ ବିଜୁଳି ଖମ୍ବରେ ଲଟକାଇ ଦିଆଯିବ ।

ଜନତା ଏହା ଶୁଣି କିଛିଟା ଆଶ୍ୱସ୍ତ ହେଲେ । ଜଣେ କିଏ ପଚାରିଦେଲା... କଳାବଜାରୀକୁ କେମିତି ଧରାଯିବ କି? ରାଜା କହିଲେ, ସେଥିପାଇଁ ଫାଶ ତିଆରି ଚାଲିଛି । ସେଇ ଫାଶରେ ହିଁ କଳାବଜାରୀ ପଡିଯିବେ । ପୁଣି ଜଣେ ପଚାରିଦେଲା, ହେଲେ ଯିଏ ଏ ଫାଶ ତିଆରି କରିବ, ସେ ବି ତ' ଜଣେ କଳାବଜାରୀ ହୋଇଥିବ । ରାଜା କହିଲେ, ହୋଇଥାଇପାରେ, ହେଲେ ସେ ବି ତ' ଫାଶରେ ପଡିଯିବ ଆଉ ତାକୁ ଫାଶୀ ମିଳିବ । ପୁଣି ଜଣେ କହିଲା, ଫାଶୀ ଦେବାର ଠିକା ବି ତ ସେଇ ନେଇପାରେ । ତହୁଁ ରାଜା କହିଲେ, ନା...ଏମିତି ହୋଇପାରିବ ନାହିଁ । କାରଣ ଅଦ୍ୟାବଧି ଫାଶୀକରଣର ଉଦ୍ୟୋଗ ଆମ ଦେଶରେ ପ୍ରଚଳିତ ହୋଇନାହିଁ । ଜନତା କହିଲା, ତେବେ କେତେଦିନ ଭିତରେ ଏହା କାର୍ଯ୍ୟକାରୀ ହେବ ବୋଲି ଆମେ ଆଶା କରିବୁ । ରାଜା ଦୃଢସ୍ୱରରେ କହିଲେ, ଆଉ ଠିକ୍ ଷୋହଳଦିନ ପରେ ତୁମେମାନେ ଦେଖିବ ବିଜୁଳି ଖମ୍ବରେ କଳାବଜାରୀ ଝୁଲୁଥିବେ ।

ରାଜାଙ୍କ ପ୍ରତିଶ୍ରୁତିରେ ସେମାନେ ସନ୍ତୁଷ୍ଟ ହୋଇ ଫେରିଗଲେ । ଦିନ ଗଣା ଚାଲିଲା । ସେହି ନିର୍ଦ୍ଦିଷ୍ଟ ଦିନ ଦେଖାଗଲା ଯେ ଦେଶରେ ଗୋଟିଏ ବୋଲି ବିଜୁଳି ଖମ୍ବ ନାହିଁ । ସବୁ ଉପୁଡି ଯାଇଛି । ସେମାନେ ଆଶ୍ଚର୍ଯ୍ୟ ହେଲେ; କାରଣ ସେଦିନ ନା କିଛି ବାତ୍ୟା ହୋଇଥିଲା ନା ଭୂକମ୍ପ । ତାହାହେଲେ ଖମ୍ବଗୁଡିକ ଉପୁଡିଲା କେମିତି! ତେବେ ସେମାନଙ୍କ ନଜରକୁ ଜଣେ ଶ୍ରମିକ ଆସିଲା । ସେ ହାତରେ କୋଡି କୋଦାଳ ଧରିଥିଲା । ତାକୁ ସେମାନେ ପଚାରିଲେ, ତୁମେ କ'ଣ କରୁଛ ଏଠି? ସେ କହିଲା, ସାରାରାତି ଲାଗି କିଛି ଶ୍ରମିକ ମିଶି ବିଜୁଳିଖମ୍ବକୁ ଉପାଡି ଦେଇଛନ୍ତି । ସେମାନେ ତାକୁ ଧରି ନେଇ ରାଜାଙ୍କ ପାଖରେ ପହଁଚିଲେ । ସବୁ କଥା କହିଲେ ।

ରାଜା ତାକୁ ପଚାରିଲେ କ'ଣ ପାଇଁ ତୁମେ ସବୁ ମିଶି ଦେଶରୁ ବିଜୁଳିଖମ୍ବ ଉପାଡିଦେଲ । ସେ ଶ୍ରମିକ କହିଲା, ଆଜ୍ଞା, ଆମକୁ ଓଭରସିଅର ସାହେବ ଆଦେଶ ଦେବାରୁ ଆମେ ସେ କାମ କଲୁ । ଓଭରସିଅର ସାହେବଙ୍କୁ ତୁରନ୍ତ ଡକାଗଲା । ତାଙ୍କୁ ରାଜା କହିଲେ, ତୁମେ ଏମାନଙ୍କୁ ଖମ୍ବ ଉପାଡିବାକୁ ଆଦେଶ ଦେଇଥିଲ? ସେ ହଁ ମାରିବାରୁ ରାଜା ପୁନଃ କହିଲେ, ତୁମେ ଜାଣିଥିଲ ଯେ ଆଜି ସେହି ଖମ୍ବରେ କଳାବଜାରୀମାନଙ୍କୁ ଝୁଲାଯାଇଥାନ୍ତା । ସେ କହିଲେ, ମୁଁ ଜାଣିଥିଲି ହଜୁର । ହେଲେ ଇଂଜିନିୟର ସାହେବ ହୁକୁମ ମାନି ମୁଁ ଆଦେଶ ପ୍ରଦାନ କରିଥିଲି । ତହୁଁ ଇଂଜିନିୟରଙ୍କୁ ଡକାଗଲା । ସେ କହିଲେ, ଏଥିରେ ମୋର କିଛି ତ୍ରୁଟି ନାହିଁ ଆଜ୍ଞା...ମୁଁ କେବଳ ସେକ୍ରେଟେରୀଙ୍କ ହୁକୁମ ପାଳନ କରିଛି । ଡକା ହେଲା ସେକ୍ରେଟେରୀଙ୍କୁ ।

ସବୁ ଶୁଣିସାରି ସେ ରାଜାଙ୍କୁ କହିଲେ, ହଜୁର, ସାରା ଦେଶର ସୁରକ୍ଷାକୁ ଆଖି ଆଗରେ ରଖି ମୁଁ ଏପରି କାମ କରିବା ପାଇଁ ଆଦେଶ ଦେଇଥିଲି ।

ସୁରକ୍ଷା? କି ପ୍ରକାର ସୁରକ୍ଷା?

ରାତି ଭିତରେ ଯଦି ଖମ୍ବଗୁଡିକୁ ଉପାଡି ଦିଆ ନ ଯାଇଥା'ନ୍ତା, ତେବେ ଦେଶର ବହୁତ କ୍ଷୟକ୍ଷତି ହୋଇଥା'ନ୍ତା ।

କେମିତି ଜାଣିଲ ଦେଶର କ୍ଷୟକ୍ଷତି ହୋଇଥା'ନ୍ତା ବୋଲି?

ବିଶେଷଜ୍ଞ କହିଲେ ଆଜ୍ଞା ।

ସେ କହିଲେ, ଆଉ ତୁମେ ବିଶ୍ୱାସ କରିଗଲ । ହଉ ତାଙ୍କୁ ଡକାହେଉ ।

ବିଶେଷଜ୍ଞ ଆସିଲେ । କହିଲେ, ମୁଁ ପରିବେଶ ଆଉ ଭୂମିର ପ୍ରକଂପନ ବିଷୟରେ ଅଧ୍ୟୟନ ଗବେଷଣା କରୁଛି । ମୋ' ଗବେଷଣାରୁ ଜଣାଗଲା ଯେ ଭୂମିତଳେ ଏବେ ଭୟଙ୍କର ବିଦ୍ୟୁତ ସରବରାହ ହେବାକୁ ଯାଉଛି । ଖମ୍ବ ଦେହରେ ତାହା ସଂଘର୍ଷ ହୋଇଥିଲେ, ସେ ଭୟଙ୍କର ବିଦ୍ୟୁତ ଉପରକୁ ଚାଲିଆସିଥା'ନ୍ତା ଆଉ ଏମିତି ବିସ୍ଫୋଟ ହୋଇଥା'ନ୍ତା ଯେ ଦେଶର ବହୁ ଧନଜୀବନ ନଷ୍ଟ ହୋଇଯାଇଥା'ନ୍ତା । ତେଣୁ ଯଥାସମୟରେ ଉଚିତ ପଦକ୍ଷେପ ନେବାକୁ ମୁଁ ସେମିତି ଆଦେଶ ଦେଇଥିଲି ।

ଜନତା ଏତକ ଶୁଣି ଖୁବ୍ ଆନଂଦିତ ହେଲେ । ସେମାନେ ବିଶେଷଜ୍ଞଙ୍କୁ ଧନ୍ୟବାଦ ଦେବାକୁ ଲାଗିଲେ । ସେମାନେ ଯେ କଳାବଜାରୀଙ୍କୁ ବିଜୁଳିଖମ୍ବରେ ଝୁଲିବା କଥା ପାଇଁ ଆସିଥିଲେ ସେତକ ଭୁଲିଗଲେ । ଏବେ ସେମାନେ ନିରାପଦରେ ରହିପାରିଛନ୍ତି ବୋଲି ରାଜାଙ୍କୁ ନିଜ ନିଜର କୃତଜ୍ଞତା ଜଣାଇ ଘରକୁ ଫେରିଗଲେ ।

ସେହି ସପ୍ତାହରେ ଏ ବାବଦରେ କାମ କରିଥିବା ପ୍ରତ୍ୟେକ ଲୋକଙ୍କ ନାମରେ ମୋଟା ଅଙ୍କର ଅର୍ଥରାଶି ବ୍ୟାଙ୍କରେ ଜମା କରାଗଲା ।

*-ବାଲେଶ୍ୱର-୧*

## ଦୋଷୀ କିଏ ?

ଅନୀତା ପଟ୍ଟନାୟକ



ବନ୍ଧୁ ଅନେକ ପ୍ରକାର ଥାଆନ୍ତି, ହେଲେ ଏକାତ୍ମ ବନ୍ଧୁ ବିରଳ। ନଦୀ ଜଳରୁ ଦୁଇହାଣ୍ଡି ପାଣି ଘରେ ଅଲଗା ଅଲଗା ରଖିଲେ ମଧ୍ୟ ଜଳ ଏକ। କୃଷ୍ଣ ଓ ସୁଦାମାଙ୍କ ପରି ବନ୍ଧୁ ବିରଳ। ସୁଦାମା କୃଷ୍ଣଙ୍କୁ ଭେଟିବା ପାଇଁ ଜଙ୍ଗଲ କଣ୍ଟାଝଣ୍ଟାରେ ଚାଲି ଆସୁଥିବା ବେଳେ ରାଜ ଦରବାରରେ ବସୁଥିବା କୃଷ୍ଣଙ୍କର ପାଦରେ କ୍ଷତ ହୋଇଯାଉଥିଲା। କୃଷ୍ଣ ଓ ଉଦ୍ଧବଙ୍କର ବନ୍ଧୁତ୍ୱ ବିରଳ। ସେହିପରି ମାଛ ଓ ଜଳର ବନ୍ଧୁତ୍ୱ ଟିକେ ଅଲଗା ହେଲେ ମଧ୍ୟ ଜଳବିନା ମାଛ ରହିପାରେନି କିନ୍ତୁ ମାଛ ବିନା ଜଳ ରହିପାରେ। ସେହିପରି ମନ ଓ ଶରୀରର ବନ୍ଧୁତ୍ୱ ଖୁବ ନିବିଡ଼। ଉଭୟ ଉଭୟଙ୍କ ଠାରୁ ଅଲଗା ହେବା ଅସମ୍ଭବ କିନ୍ତୁ ମନର ଦୁଷ୍ଟାମୀ ପାଇଁ ଶରୀର ଦଣ୍ଡିତ ହେବା ବିଚାରର ପକ୍ଷପାତିତା କହିଲେ ଅତ୍ୟୁକ୍ତି ହେବନାହିଁ।

ଗୋଟିଏ ସହରରେ ଜଣେ ବ୍ୟକ୍ତି ଗୋଟିଏ ସିମ୍ପାଜି ଓ ଗୋଟିଏ ଖଚର ରଖିଥିଲେ। ସିମ୍ପାଜି ଖୁବ ଚଞ୍ଚଳ ନଟଖଟିଆ ସ୍ୱଭାବର ଥିଲାବେଳେ ଖଚରଟି ଅତ୍ୟନ୍ତ ଧୀର, ଶାନ୍ତ ଓ ଭାରବାହୀ ପଶୁ ଭାବେ ମାଲିକଙ୍କର ସେବା କରୁଥିଲା। ସେ ଏତେ ଶାନ୍ତ ଥିଲା ଯେ କେବଳ ଲାଞ୍ଜ ହଲାଇବା ଓ ଗୋଡଗୁଡ଼ିକୁ ଉପର ତଳ କରିବା ଛଡ଼ା ଅନ୍ୟ ସମୟରେ ଶାନ୍ତ ରହୁଥିଲା। ସିମ୍ପାଜିର ଖଚର ସହିତ ଖୁବ ବନ୍ଧୁତା ଥିଲା। ଟିକେ ଖୋଲା ପାଇଲେ ତା ପିଠିରେ ବସିବା ତାର କାନକୁ ହଲାଇବା, ପିଠି ଉପରୁ ଥାଇ କୁଦା ମାରିବା ପରି କାମ ସେ କରୁଥାଏ। ଦିନକର ଘଟଣା, ସିମ୍ପାଜି ଚୁପ କରି ଘର ଭିତରକୁ ଯାଇ ମାଲିକଙ୍କର ଦୁଇହଳ ମୋଜା ସମସ୍ତଙ୍କର ଅଲକ୍ଷ୍ୟରେ ଆଣି ଖଚରର ଗୋଡ଼ ପାଖରେ ପକାଇ ଦେଇଥାଏ ଓ କିଛି ସମୟ ପରେ ତା' ଆଗ ଦୁଇଗୋଡରେ ମୋଜା ଗଳାଇ ପକାଇଲା ଓ ସେଠାରୁ ଚାଲିଗଲା। ଏପଟେ ମୋଜା ଖୋଜୁ ଖୋଜୁ ଚାକରାଣୀ ଦେଖି ପକାଇଲା ଯେ ଖଚର ମୋଜା ପିନ୍ଧିଛି। ଏକଥା ମାଲିକାଣୀକୁ ଜଣାଇବାରୁ ମାଲିକ ଓ ମାଲିକାଣୀ ଆସି ନିର୍ଦ୍ଧୁମ ପିଟିଲେ। ଦିନେ ମାଲିକ ଘରକୁ କିଛି ପଥର ଖଚର ପିଠିରେ ଲଦି ଆଣୁଥିଲେ। ପଥର ବୋଝ ଉପରେ ବସିଥାଏ ସିମ୍ପାଜି। ମାଲିକ ପଥର ଖାଦାନ ପାଖରେ ଥାଆନ୍ତି, କାରଣ ସେ ଜାଣିଥିଲେ ଖଚର ଓ ସିମ୍ପାଜି ପଥର ନେଇ ତାଙ୍କ ଘର ପାଖରେ ପହଞ୍ଚାଇ ଦେବେ। ଖଚରଟି ଟିକେ ହାଲିଆ ହୋଇଯିବାରୁ ଜଣେ ବ୍ୟକ୍ତିଙ୍କ ଘର ପାଖରେ ଠିଆ ହେଲା। ଏହାର ସୁଯୋଗ ନେଇ ସିମ୍ପାଜି ଚୁପ କରି ଉକ୍ତ ମାଲିକଙ୍କ ଘରେ ପଶି ତାଙ୍କ ଘରେ ଥିବା ଟେବୁଲ ଘଣ୍ଟାକୁ ବାହାରେ କଚି ଭାଙ୍ଗି ଦେଲା ଓ ଖଚର ପିଠିରୁ ପଥର ନେଇ ଉକ୍ତ ଘର ମାଲିକଙ୍କ କାଚ ଝରକାକୁ ଫିଙ୍ଗିବାରୁ କାଚ ଝରକା ଚୁରମାର ହୋଇଗଲା। ଘର ମାଲିକ ଦୌଡ଼ି ଆସିଲା ବେଳକୁ ସିମ୍ପାଜି ପାଖରେ ଥିବା ଏକ ଗଛକୁ ଡିଆଁ ମାରି ଚାଲି ଯାଇଥାଏ। ଉକ୍ତ ଘରର ମାଲିକ ଭାବିଲେ ଖଚର ପିଠିରେ ପଥର ଲଦି କେହି ବ୍ୟକ୍ତି ତାଙ୍କ ଘରର ଅନିଷ୍ଟ କରିଛି, ତେଣୁ ସେ କିଛି ନବୁଝି ପାଖରେ ଥିବା ଏକ ଲମ୍ବା ବାଡିରେ ଖଚରକୁ ନିର୍ଘାତ ପାହାର ଦେଲେ ଓ ସେ ଭେଁ ଭେଁ ରଡ଼ି ଛାଡ଼ି କିଛି ବାଟ ଦୌଡ଼ିଗଲା। ପରେ ସିମ୍ପାଜିଟି ଆସି ତା' ପିଠି ଉପରେ ବସିପଡ଼ିଲା।

କ'ଣ କହିବି ସିମ୍ପାଜି କଥା। ସେ ଅନେକଙ୍କର ଘରେ ପଶି ଫୁଲଦାନୀ ଭାଙ୍ଗିଛି। କିନ୍ତୁ ଖଚର ବନ୍ଧୁ ତା' ପାଇଁ ମାଡ଼ ଖାଇଛି। ବର୍ଷାରେ ଓଦା ହେବା ପାଇଁ ତାକୁ ପ୍ରବର୍ତ୍ତାଇଛି ଓ ଓଦା ହୋଇ ଦେହ ଖରାପ ହେବା ସମୟରେ ମାଲିକଙ୍କଠାରୁ ମାଡ଼ ଖାଇଛି। ସିମ୍ପାଜୀ ଲୁଣ ଅଡ଼ାରୁ ଲୁଣ ଆଣି ତରକାରୀରେ ମିଶାଇ ଦେଇଛି। ମାଲିକଙ୍କର ରୁଟିକୁ ପାଣିରେ ବୁଡ଼ାଇ ଘରେ ଏଣେତେଣେ ଫୋପାଡ଼ିଛି। ହେଲେ ଖଚର ବାଧ ହୋଇ ସେ ଲୁଣିଆ ତରକାରୀ ଓ ବାଲିମିଶା ରୁଟି ଖାଇବାକୁ ବାଧ ହୋଇଛି। କାରଣ ମାଲିକ ଘରର ସମସ୍ତ ଅଖାଦ୍ୟ ସେ ବନ୍ଧା ହୋଇଥିବା କୁଣ୍ଡ ପାଖରେ ପକାଇଥାନ୍ତି। ଏତେ ସବୁ ଦୁଷ୍ଟାମୀ ସତ୍ତ୍ୱେ ମାଲିକ ସାଇକେଲରେ ଗଲାବେଳେ ସିମ୍ପାଜିକୁ ପଛରେ ବସାଇଥାନ୍ତି। କିନ୍ତୁ ଖଚରକୁ ଚଲାଇ ଚଲାଇ ଆଣନ୍ତି ସେଥିପାଇଁ ତାର ଭାରି ଦୁଃଖ। କହିବା ବାହୁଲ୍ୟ ଯେ ଏହି ଗଳ୍ପର ସିମ୍ପାଜିଟି ମଣିଷର ମନ ଓ ଖଚରଟି ହେଉଛି ମନୁଷ୍ୟର ଶରୀର, ଦେହ। ଆମେ ଆମର ମୂର୍ଖତା ହେତୁ କହିଥାଉ ଏତେ ଦିନେ ଦୋଷୀଟିଏ ଦଣ୍ଡ ପାଇଛି ଓ ଅପରାଧର ଶିକାର ହୋଇଥିବା ବ୍ୟକ୍ତିକୁ ନ୍ୟାୟ ମିଳିଛି କିନ୍ତୁ ପ୍ରକୃତରେ ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହେବେ କୌଣସି ପ୍ରକୃତ ଦୋଷୀକୁ ଆଜି ପର୍ଯ୍ୟନ୍ତ ତ କୌଣସି ବିଚାରପତି ଦଣ୍ଡ ଦେଇ ପାରିନାହାଁନ୍ତି। ପ୍ରକୃତ ଦୋଷୀ (ମନ) ଗଣ୍ଡଗୋଳ କରି ଆସିଛି ଓ ବିଚାରା ଶରୀର ଶାସ୍ତି ପାଇ ଆସିଛି। ତେଣୁ ମନର ସଂସ୍କାର ପାଇଁ ସାଧୁମାନେ ଚେଷ୍ଟିତ ହେବା ଉଚିତ।

*-ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସଂସ୍କୃତ ବିଭାଗ, ସିଡିଏ, କଟକ, ଦୂରଭାଷ: ୯୬୯୨୯୮୦୦୨୬*




# ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ। ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି। ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି। ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ। ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ। ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେକୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିଲା ୨୯। ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ। କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ। କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ। ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି। ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ। କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ। ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ। ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ। ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ। ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି। ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ। କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି। କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ୍ୟ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ। ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି। କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷିୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି। ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ।

# "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"ର ଅଧିକାରୀ ପ୍ରଫେସର ଉଦୟନାଥ ସାହୁ



ନୂଆଦିଲ୍ଲୀ/ଭୁବନେଶ୍ୱର (ପିଏନ୍): ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଭାରତୀୟ ଭାଷା କେନ୍ଦ୍ରରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଓଡ଼ିଆ "ଆଦି ସାରଳା ଦାସ ଚେୟାର"ର ପ୍ରଫେସର ଉଦୟନାଥ ସାହୁଙ୍କ ଦ୍ୱାରା ଓଡ଼ିଆ, ବଙ୍ଗଳା ଓ ଆସମୀୟା ଭାଷାରେ ଲିଖିତ ମହାଭାରତ ଓ ଶ୍ରୀମଦ୍ ଭାଗବତର ତୁଳନାତ୍ମକ ଗବେଷଣାକୁ "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"- ୨୦୨୨ରେ ସ୍ଥାନ ଦେଇଛନ୍ତି। ପ୍ରଥମ ଓଡ଼ିଆ ଗବେଷକ ଭାବେ ସେ ଏହି ଗୌରବର ଅଧିକାରୀ ହୋଇପାରିଛନ୍ତି। ସେପ୍ଟେମ୍ବର ୭ ତାରିଖରେ ମେଡାଲ ସହ ପ୍ରଶଂସାପତ୍ର ତାଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ ଗବେଷକମାନଙ୍କ ପାଇଁ ସେ ପ୍ରେରଣାର ସ୍ରୋତ ହେବେ ନିଶ୍ଚୟ। ପ୍ରଫେସର ସାହୁ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତକୁ ମଧ୍ୟ ତୁଳନାତ୍ମକ ଭାବେ ଗବେଷଣା କରି କଥା ଓ ଚରିତ୍ରର ସାମ୍ୟ ଓ ବୈଷମ୍ୟକୁ ପ୍ରଦର୍ଶନ କରିଛନ୍ତି। କେବଳ ସେତିକି ନୁହେଁ ଜାପାନର "ଓଟାନି" ବିଶ୍ୱବିଦ୍ୟାଳୟରେ ଭାଗବତ ଓ ମହାଭାରତର ମୂଳଧାରାକୁ ଶ୍ରେୟ କରି ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ଭାରତୀୟ ସାହିତ୍ୟ ମଧ୍ୟ ଦେଇ ସାରଳା ମହାଭାରତରେ ତୁଳନାତ୍ମକ ଗବେଷଣା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ଆଧୁନିକ ସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟ ତଥା ଫକୀରମୋହନ ସାହିତ୍ୟ ସମ୍ପର୍କରେ ଉଚିତ ଗବେଷଣାତ୍ମକ ପୁସ୍ତକଗୁଡ଼ିକ ଓଡ଼ିଆ ସାହିତ୍ୟର ଦିଗକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି।

ପୂର୍ବ-ଭାରତୀୟ ମହାଭାରତ ପରମ୍ପରା, ସାରଳା ମହାଭାରତ ସୃଷ୍ଟିର ଭୂମିପର୍ବ, ଭାଗବତ ପରମ୍ପରା ଓ ଭକ୍ତି ଆନ୍ଦୋଳନ, ସାରଳା ମହାଭାରତର ମନ୍ତ୍ରୀ ଓ ସେନାପତି, ଭାଗବତର ଭାବଭୂମି, ଭାଗବତର ସୃଷ୍ଟି ସୌରଭ, ପୂର୍ବ ଭାରତୀୟ ମହାଭାରତରେ ନୀତିଭକ୍ତି ଓ ଜାତୀୟ ସଂହତି, Reflection on the Great Indian Epic Mahabharat in Odisha, Begnal and Assam, ସ୍ୱର୍ଗାରୋହଣ ପର୍ବ ପ୍ରଭୃତି ଉଲ୍ଲେଖନୀୟ ଅବଦାନ ପାଇଁ ଦେଶବିଦେଶରେ ବେଶ ଚର୍ଚ୍ଚା ସହିତ ଓଡ଼ିଆ ମାଟି ପାଇଁ ଉଲ୍ଲେଖନୀୟ କୃତି। ଏତଦବ୍ୟତୀତ ଦୁଇଶହରୁ ଅଧିକ ଗବେଷଣାତ୍ମକ ସନ୍ଦର୍ଭ ରଚନା କରି ବେଶ୍ ପରିଚିତ ହୋଇପାରିଛନ୍ତି। ଅନେକ ସମ୍ମାନରେ ସମ୍ମାନିତ ଡ: ସାହୁ ନୟାଗଡ଼ ଜିଲ୍ଲାର ସାନକିଲୋ ଗ୍ରାମରେ ଜନ୍ମଗ୍ରହଣ କରି ମାତୃଭାଷା, ମାତୃଭୂମି ପାଇଁ ଗୌରବ ଆଣିପାରିଛନ୍ତି।

# ବିପଦରେ ସୋରେନ



ବହୁଚର୍ଚ୍ଚିତ ଲାଭଜନକ ପଦବୀ ମାମଲାରେ ୧୯୫୧ ଲୋକପ୍ରତିନିଧି ଆଇନ ଅନୁଯାୟୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାନସଭା ସଭ୍ୟ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ରାଜ୍ୟପାଳଙ୍କୁ ସୁପାରିଶ କରିବା ପରେ ଝାଡଖଣ୍ଡ ସରକାରଙ୍କ ଭାଗ୍ୟ ଏବେ ସୂତାଖିଅରେ ଝୁଲୁଛି ବୋଲି କୁହାଯାଇପାରେ। ନିର୍ବାଚନ କମିଶନଙ୍କ ସୁପାରିଶ ସପ୍ତାହକ ପୂର୍ବରୁ ପହଁଚିଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ରାଜ୍ୟପାଳ କୌଣସି ପଦକ୍ଷେପ ନେଇ ନଥିବା ବେଳେ ରାଜ୍ୟ ରାଜନୀତିରେ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଗଲାଣି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୧ରେ ମୁଖ୍ୟମନ୍ତ୍ରୀ ତଥା ଖଣିମନ୍ତ୍ରୀ ଭାବେ ନିଜ ନାମରେ ଏକ ଖଣି ଲିଜ୍ ନେଇଥିବାରୁ ନିର୍ବାଚନ କମିଶନ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ବିଧାୟକ ପଦ ରଦ୍ଦ ଲାଗି ସୁପାରିଶ କରିଛନ୍ତି। ଏହା ଦ୍ୱାରା ରାଜ୍ୟ ପୁଣି ଥରେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। କହିବା ବାହୁଲ୍ୟ ଯେ, ୨୦୦୦ ମସିହାରେ ବିହାରଠାରୁ ପୃଥକ ହୋଇ ସ୍ୱତନ୍ତ୍ର ଝାଡଖଣ୍ଡ ରାଜ୍ୟ ଗଠିତ ହେବା ପରେ ବିଗତ ୨୨ବର୍ଷ ମଧ୍ୟରେ ରାଜନୈତିକ ଅସ୍ଥିରତା ଯୋଗୁଁ ୧୧ ଥର ସରକାର ପରିବର୍ତ୍ତନ ଘଟିଥିବାବେଳେ ୩ଥର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଝାଡଖଣ୍ଡରେ ମୁଖ୍ୟ ବିରୋଧିଦଳ ବିଜେପି ମୁଖ୍ୟମନ୍ତ୍ରୀ ସୋରେନଙ୍କ ଇସ୍ତଫା ଦାବିରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବାବେଳେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା, କଂଗ୍ରେସ ଏବଂ ଆରଜେଡି ମେଂଟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ମୁଖ୍ୟମନ୍ତ୍ରୀ ସୋରେନ ସେମାନଙ୍କୁ ଛତିଶଗଡକୁ ନେଇ ଏକ ହୋଟେଲରେ ରଖିଥିଲେ। ଅବଶ୍ୟ ଆମ ଦେଶରେ ହୋଟେଲ ରାଜନୀତି ନୂଆ ନୁହେଁ। ଏହାର କାରଣ ହେଉଛି ଘୋଡା ବେପାରକୁ ରୋକିବା। କହିବା ବାହୁଲ୍ୟ ଯେ, ମେଂଟ ସରକାର ଏବେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। ଅବଶ୍ୟ ମୁଖ୍ୟମନ୍ତ୍ରୀ ସୋରେନ ବିଧାନସଭାରେ ଆସ୍ଥାଭୋଟରେ ଜୟଲାଭ କରିଛନ୍ତି। ଏହା ନିଶ୍ଚିତ ଯେ, ମୁଖ୍ୟମନ୍ତ୍ରୀ ସୋରେନ ନିଜ ପାଖରେ ଖଣି, ଭୂବିଜ୍ଞାନ ଏବଂ ପର୍ଯ୍ୟବେକ୍ଷଣ ସମ୍ବନ୍ଧୀୟ ବିଭାଗ ରଖିଥିବାବେଳେ କ୍ଷମତାର ଦୁରୁପଯୋଗ କରି ନିଜ ନାମରେ ଖଣି ଲିଜ୍ ନେଇଛନ୍ତି। ଏହା ଲୋକପ୍ରତିନିଧି ଆଇନର ଧାରା ୯(୧)ର ଉଲଂଘନ ଏବଂ ବେଆଇନ କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ। ଏହା କହିବା ଯଥାର୍ଥ ଯେ, ଆମ ଦେଶରେ ଖଣି ବ୍ୟବସାୟ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଖଣି ପଟ୍ଟା ଆବଟଂନରେ କୋଟି କୋଟି ଟଙ୍କାର ଭିତିରି କାରବାର ହୋଇଥାଏ, ଯାହାକି ଦେଶରେ ୨୧୬ଟି କୋଇଲା ଖଣି ଆବଟଂନକୁ କିଛିବର୍ଷ ତଳେ ସୁପ୍ରିମକୋର୍ଟ ରଦ୍ଦ କରିବା ଘଟଣା ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ ଯେ ଝାଡଖଣ୍ଡ ହେଉଛି ମୂଲ୍ୟବାନ ଖଣିଜ ଭଣ୍ଡାରର ରାଜ୍ୟ। ଦେଶର ୪୦ ପ୍ରତିଶତ ଖଣିଜ ପଦାର୍ଥ ଏବଂ ୩୦ ପ୍ରତିଶତ କୋଇଲା ମହଜୁଦ ରହିଛି। କିନ୍ତୁ ଏହି ଖଣିଜ ସମ୍ପଦରେ ଭରପୁର ରାଜ୍ୟର ବହୁ ସମୟରେ ଖଣି ଦୁର୍ନୀତିକୁ ନେଇ ଦୁର୍ନାମ ରହିଛି। ଯାହାକି ରାଜ୍ୟରେ ରାଜନୈତିକ ଅସ୍ଥିରତାର ମୁଖ୍ୟ କାରଣ ହୋଇଛି। ଅତୀତରେ ୨୦୦୬ରୁ ୨୦୦୮ ମସିହା ମଧ୍ୟରେ ରାଜ୍ୟରେ କୋଇଲା ବ୍ଲକ ଆବଟଂନରେ ବ୍ୟାପକ ଦୁର୍ନୀତି ମାମଲାରେ ୨୦୧୭ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡାଙ୍କୁ ସିବିଆଇ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିଲା। ମଧୁ କୋଡା ୩୩୪ କୋଟି ଟଙ୍କା ଖଣି ଦୁର୍ନୀତିରେ ଲିପ୍ତ ଥିବା ସିବିଆଇ ତଦନ୍ତରୁ ଜଣାପଡିଥିଲା। ରାଜ୍ୟରେ ଖଣି ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସୋରେନ ରାଜ୍ୟବାସୀଙ୍କୁ ନିର୍ବାଚନ ପ୍ରତିଶ୍ରୁତି ଦେଇ କ୍ଷମତାସୀନ ହୋଇଥିଲେ। କହିବା ବାହୁଲ୍ୟ ଯେ, ଝାଡଖଣ୍ଡ ବିଜେପିର ଏକ ଦୁର୍ଗ ଭାବେ ପରିଚିତ ଥିବାବେଳେ ବିଜେପିକୁ କ୍ଷମତାଚ୍ୟୁତ କରି ଜେଏମଏମ କ୍ଷମତା ହାତେଇଥିଲା। କେବଳ ଏତିକି ନୁହେଁ, ରାଜ୍ୟ ନାମରେ ରହିଥିବା ଖଣି ମାଫିଆ ଆଖ୍ୟାକୁ ସବୁଦିନ ପାଇଁ ବନ୍ଦ କରିବା, ଖଣି ଅଂଚଳରେ ଖଣିଜ ପଦାର୍ଥର ଚୋରାଚାଲାଣ ରୋକିବାକୁ ଖଣି ଅଂଚଳରେ କ୍ୟାମେରା ଲଗାଇବା ଏବଂ ଖଣି ସଂକ୍ରାନ୍ତୀୟ ଅଭିଯୋଗ ଗ୍ରହଣ ପାଇଁ ନିଃଶୁଳ୍କ ଟେଲିଫୋନ ନମ୍ବର ଜାରି ରଖିବା ପାଇଁ ଭୋଟଦାତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସୋରେନ ଶେଷରେ ଖଣି ଦୁର୍ନୀତିରେ ଛନ୍ଦି ହୋଇଯାଇଛନ୍ତି। ଅବଶ୍ୟ ଖଣି ପଟା ଫେରାଇ ଦେଇଥିବା ସୋରେନ କହିଛନ୍ତି। ସେ ଖଣି ପଟା ଫେରାଇ ଦେବା ଯଦି ସତ୍ୟ ହୋଇଥାଏ, ସ୍ୱାଗତଯୋଗ୍ୟ। କିନ୍ତୁ ତାଙ୍କ ନାମରେ ଉଠିଥିବା କଳଙ୍କର ଅଧ୍ୟାୟ ତଥା ବେଆଇନ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଲୋକପ୍ରତିନିଧି ଆଇନ ଅନୁଯାୟୀ ଲାଭଜନକ ପଦବୀ ମାମଲାରେ ସୋରେନ ଯଦି ଆଯୋଗ୍ୟ ଘୋଷିତ ହୁଅନ୍ତି, ତେବେ ସଭ୍ୟପଦ ହରାଇବା ନିଶ୍ଚିତ। କାରଣ ଆମ ଦେଶରେ ଲାଭଜନକ ପଦବୀ ମାମଲାରେ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ହେବା ନୂଆକଥା ନୁହେଁ। ଅତୀତରେ ବହୁ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ନେଇ ବହୁ ନଜିର ରହିଛି। ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ସୋରେନ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିପଦ ଟାଣି ଆଣିଛନ୍ତି। ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଉପରେ ତାଙ୍କ ଦଳ ଓ ସହଯୋଗୀମାନେ ମିଳିତ ନିଷ୍ପତି ନେବାର ଆବଶ୍ୟକତା ରହିଛି। କେବଳ ଏତିକି ନୁହେଁ, ତାଙ୍କର ଇସ୍ତଫା ମେଂଟ ସରକାରଙ୍କ ପାଇଁ ଏକ ଏସିଡ ଟେଷ୍ଟ, ଏଥିରେ କୌଣସି ସନ୍ଦେହ ନାହିଁ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ- ୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,- ୭୫୧୦୦, ୨ମୋବାଇଲ ନଂ- ୯୪୩୭୯୯୪୩୭୯**

# ପ୍ରତାପନଗରୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଫୁଲନଖରା (ପିଏନ୍)-ସିଏମସି ୫୮ନମ୍ବର ୱାର୍ଡ଼ ପ୍ରତାପନଗରୀ ଦୁର୍ଗା ପୂଜା କମିଟିର ଦଶହରା ଉତ୍ସବ ନିମନ୍ତେ ମାଟି ଅନୁକୂଳ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ପ୍ରକାଶ ସ୍ୱାଇଁ ଓ ମରୁତ ସ୍ୱାଇଁଙ୍କ ସମେତ ପୂଜକ ଧିରେନ୍ଦ୍ର ପାଢ଼ୀ, ରବିନାରାୟଣ ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ ଓ ଶୁଭ୍ରଜିତ ମହାପାତ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ନିକଟସ୍ଥ କୁଆଖାଇ ନଦୀରୁ ପୂଜାର୍ଚ୍ଚନା ପୂର୍ବକ ମାଟି ଅନୁକୂଳ କରିଥିଲେ। ପରେପରେ ଘଣ୍ଟ, ବାଦ୍ୟ ଓ ସଂକୀର୍ତ୍ତନ ଶୋଭାଯାତ୍ରା ସହକାରେ ଏହି ଅନୁକୂଳ ମାଟି ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମା'ଦୁର୍ଗାଙ୍କ ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲା। ପ୍ରମୋଦ ସ୍ୱାଇଁ, ବାଦଲ ଜେନା, ନାରାୟଣ ରାଉତ, ଅରୁଣ ରାଉତ, ରୋହିତ ସ୍ୱାଇଁ, ରଂଜିତ ସ୍ୱାଇଁ (କୁନୁ), ମାଧବ ଜେନା ଓ ବିକ୍ରମ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସୋମନାଥ ଜେନା, ଦୁଷ୍ମନ୍ତ ଜେନା, ବିଶ୍ୱଜିତ ଜେନା, ସଚିନ ରାଉତ, ଦିଲୀପ ରାଉତ, ସିବୁ ସ୍ୱାଇଁ, ବିକାଶ ବେହେରା, ଲକି ଜେନା, ନରେନ୍ଦ୍ର ରାଉତ, ସୁମନ ଜେନା ଓ ବର୍ଣ୍ଣି ଜେନା ପ୍ରମୁଖ ସଦସ୍ୟଗଣ ସହଯୋଗ କରିଥିଲେ।

# ଚାରିଜଣ ଖୋ-ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର (ପିଏନ୍)-ମହାରାଷ୍ଟ୍ର ପୁନେରେ ଅନୁଷ୍ଠିତ ଜାତୀୟ ସ୍ତରର ଖୋ-ଖୋ ଟୁର୍ଣ୍ଣାମେଣ୍ଟ 'ଅଲଟିମେଟ୍' ଖୋ-ଖୋ- ସିଜନ-୧ରେ ଚମ୍ପିଆନ ହୋଇଥିବା ଓଡ଼ିଶା ଦଳରେ ସାମିଲ ହୋଇଥିବା ବାଲେଶ୍ୱରର ୪ଜଣ ଖେଳାଳୀଙ୍କୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସମ୍ବର୍ଦ୍ଧିତ କରିଛନ୍ତି। ଏହି କୃତି ଖେଳାଳୀ ମାନେ ହେଲେ ଜଗନ୍ନାଥ ମୁର୍ମୁ, ସିଦେଶ୍ୱର ଟୁଡୁ, ସୁକାନ୍ତ ସିଂ, ଲିପୁନ ମୁଖୀ, କୋଚ ମଳୟ ରଞ୍ଜନ ବେହେରାଙ୍କ ସହ ଏହି ଖେଳାଳୀ ମାନେ ବାଲେଶ୍ୱର ରେଳଷ୍ଟେସନରେ ପହଞ୍ଚିବା ପରେ ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ କୋଚ ଶ୍ରୀ ବେହେରାଙ୍କୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ପାଇଁ ଗୌରବ ଆଣିଥିବା ଏହି ଖେଳାଳୀଙ୍କୁ ଜିଲ୍ଲାପାଳ ଉତ୍ସାହିତ କରିବା ସହ ସେମାନଙ୍କ ଉତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସଂପାଦକ ଅଭୟ ମହାପାତ୍ର, ସହ-ସାଧାରଣ ସଂପାଦକ ପଦ୍ମଲୋଚନ ଲେଙ୍କା, କାର୍ତ୍ତିକ ଚନ୍ଦ୍ର ନାୟକ ଓ ଜଗଦୀଶ ବେହେରା, ସାଦିକ ଅଲ୍ଲି, ପ୍ରଦୀପ କୁମାର ଦାସ ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ରାଉରକେଲାରେ ଚାଲିଛି ନକଲି ନୋଟ ଛପା, ଜିଲ୍ଲା ପୁଲିସ ଶୋଇଛି

ରାଉରକେଲା, (ପି.ଏନ): ରାଉରକେଲା ସହରରେ ବଢ଼ ପରିଥିବା ଆରଏସପି ଘରେ ଚାଲିଛି ନକଲି ନୋଟ ଛପା, ଜୁଆ, ମଦ ଓ ନାନା ବେଆଇନ କାରବାର, ଦିର୍ଘ ଦିନ ଧରିଚାଲିଛି ଏହି ସବୁ କାରବାର, ଏଥିଲାଗି ଘରପିଛା ମାସିକ ୫ଶହ ଟଙ୍କା ଭଡା ନିଆଯାଇ କାମ ଚାଲିଛି ବୋଲି ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ଜିଲ୍ଲା ପୁଲିସ ଓ ଆରଏସପି କର୍ତ୍ତୃପକ୍ଷ ନୀରବ ଥିବା ବେଳେ ରାଜ୍ୟ ଏସଟିଏଫର ମୁଖ୍ୟ ଜୟନାରାୟଣ ପଙ୍କଜ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ ରାଉରକେଲା ସେକ୍ଟର ୧୭ ଅଂଚଳରେ ଚଢଉ କରିଥିଲା । ଚଢଉ ବେଳେ ସେଠାରୁ ବିପୁଳ ପରିମାଣର ନକଲି ଟଙ୍କା ଓ ଏହାର ଛପା ଲାଗି ଆବଶ୍ୟକୀୟ ସାମଗ୍ରୀ ଜବତ କରି ଜଣକୁ ଗିରଫ କରାଯାଇଛି ।ଏହି ନକଲି ଟଙ୍କା କାରବାର ନେଇ ପୂର୍ବରୁ ଏସଟିଫ ବିଭିନ୍ନ ସ୍ଥାନରେ ଚଢଉ କରିଥିବା ବେଳେ ଏହାର ଡେରା ରାଉରକେଲାକୁ ଲମ୍ବିଛି । ଏହା ସେକ୍ଟର -୧୫ ଥାନା ଅଂଚଳରେ ଥିବା ସେକ୍ଟର-୧୭ ରେ ନମ୍ବର ସି-୨୩୧ରେ ଚାଲିଛି ବୋଲି ଜାଣିବା ପରେ ଗତକାଲି ଏସଟିଏଫ ଏହି ଘର ଉପରେ ଚଢଉ କରିଥିଲା । ଚଢଉ ବେଳେ ସେଠାରେ ଥିବା ୧୬ ଲକ୍ଷ ୧୧ ହଜାର ଟଙ୍କାର ନକଲି ନୋଟ, କଲର ପ୍ରିଂଟର, ଲାପଟପ, ଚାର୍ଜର ଆଦି ଜବତ କରିବା ସହ ଏହି ମାମଲାରେ ସେକ ଅହମଦ ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ତାର ଘର ଜିଲ୍ଲା ଅଂଚଳରେ । ଏଠାରେ ଉଲ୍ଲେଖଯୋଗ୍ୟ, ଜୁଲାଇ ମାସରେ ଏସଟିଏଫ ୨୯ ଲକ୍ଷ ୪୧ ହଜାର ନକଲି ଟଙ୍କା ଜବତ କରି ୪ ଜଣଙ୍କୁ ଗିରଫ କରି ମାମଲାରେ ଅଧିକ ତଦନ୍ତ କରୁଥିଲା । ଏହି ଘଟଣାକୁ ନେଇ ୧୫ ନମ୍ବର ଥାନାରେ ଏକ ମାମଲା ନମ୍ବର ୭୫ ରୁଜୁ ହେବା ସହ ଅଭିଯୁକ୍ତକୁ ଅଧିକ ପଚରା ଉଚରା ଚାଲିଛି ବୋଲି ଏସଟିଏଫ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ।ଏଠାରେ ଉଲ୍ଲେଖଯୋଗ୍ୟ, ରାଉରକେଲା ଇସ୍ପାତ କାରଖାନାର ଖାଲି ଥିବା ବିଭିନ୍ନ ଘରେ ଅସାମାଜିକ ତତ୍ତ୍ୱ ମାନେ ମାସିକିଆ ୫୦୦ ଟଙ୍କା ଭଡାରେ ରହି ନାନା ପ୍ରକାର ବେଆଇନ କାରବାର ସାଙ୍ଗକୁ ନକଲି ନୋଟ କାରବାର, ରାଜ୍ୟ ବାହାରର ଅସାମାଜିକ ମାନଙ୍କୁ ଆଶ୍ରୟ ଦେବା ଭଳି କାମ ଦିର୍ଘ ଦିନରୁ ଚାଲିଥିବା ନେଇ ଲୋକ ଲୋଚନରେ ଆଲୋଚନା ହୋଇ ଆସୁଛି, କିନ୍ତୁ ଏନେଇ ସଂପୃକ୍ତ ଥାନା, ଖୋଦ ପୁଲିସ ମୁଖ୍ୟା ନୀରବ ଥିବା ବେଳେ ପୁଲିସ ଇଂଟେଲିଜେନ୍ସି ମଧ୍ୟ ଫେଲ ମାରିଛି । ସେପଟେ ଏନେଇ ଆରଏସପିର ସହର ପ୍ରଶାସନ ବିଭାଗ ବାବୁ ମାନେ ବେଶ ଦୁଇପାଇସା ରୋଜଗାର କରି ଏଭଳି ଅସାମାଜିକ କାରବାରକୁ ପ୍ରଶ୍ରୟ ଦେଉଥିଲେ ମଧ ଆରଏସପି ମୁଖ୍ୟ କିଛି ଜାଣି ପାରୁନାହାନ୍ତି । ଯେଉଁଥିଲାଗି କଟକରୁ ଏସଟିଏଫ ଆସି ଚଢଉ କରୁଛି ଆଉ ଅପରାଧୀଙ୍କ ବେଆଇନ କାରବାର ଧରା ପଡୁଛି । ରାଉରକେଲା ପୁଲିସର ଥାନା ସ୍ତରୀୟ ଇଂଟେଲିଜେନ୍ସି କାମ କରୁନାହିଁ ତାହାର ଅନେକ ଉଦାହରଣ ରହିଛି । ଦିର୍ଘ ଦିନ ତଳେ ଆତଙ୍କବାଦୀ ଆସି ପ୍ଲାନ୍ଟ ସାଇଡ ଥାନା ଇଲାକାରେ ନିଜର ଅପରେସନ ଚଳାଉଥିଲେ, କିନ୍ତୁ ଥାନାବାଲା କିଛି ଜାଣି ପାରିଲେ ନାହିଁ, ବାହାର ରାଜ୍ୟ ପୁଲିସ ଆସି ସେମାନଙ୍କୁ ଧରିଥିଲା । ତେବେ ଏହି ମାମଲାରେ ନକଲି ଟଙ୍କାକୁ କେଉଁ ଅଂଚଳରେ କେଉଁମାନଙ୍କ ମାଧ୍ୟମରେ ବଜାରକୁ ଛଡାଯାଉଥିଲା ସେଥିରେ ଆଉ କେଉଁମାନେ ସହଯୋଗ କରୁଥିଲେ ତାହାର ତଦନ୍ତ କରାଯାଇ ସେମାନଙ୍କୁ ଖୁବ ଶିଘ୍ର ଧରାଯିବ ବୋଲି ଏସଟିଏଫ ଏସପି କେ.କେ. ପାଣିଗ୍ରାହୀ କହିଛନ୍ତି ।

## ବନାନୀ କଳା ସଙ୍ଗମର ବୈଠକ

କନ୍ଧମାଳ, (ପି.ଏନ): ରବିବାର ଫୁଲବାଣୀ ସ୍ଥିତ ଜିଲ୍ଲା ପ୍ରେସ କ୍ଲବ ଠାରେ ଜିଲାର ଏକ ଅଗ୍ରଣୀ କଳା ଓ ସଂସ୍କୃତି ଅନୁଷ୍ଠାନ ବନାନୀ କଳା ସଙ୍ଗମର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ତଥା ବନାନୀ କଳା ସଙ୍ଗମର ସାଧାରଣ ସମ୍ପାଦକ ଡ଼. ଅରୁଣ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ କଳା ଓ ସଂସ୍କୃତିର ପୁନରୁଦ୍ଧାର କରିବା ନିମନ୍ତେ ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ । ନାଟ୍ୟ କଳାର ପ୍ରଚାର ଓ ପ୍ରସାର କରି ଆସୁଥିବା ଏହି ୩୮ ବର୍ଷର ଅନୁଷ୍ଠାନ ପକ୍ଷରୁ ଅତିଶୀଘ୍ର ଏକ ସାମାଜିକ ନାଟକ ପରିବେଷଣ କରିବା ସହ ହାଇସ୍କୁଲସ୍ତରୀୟ ଏକ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଓ ସ୍ୱଳ୍ପ ମିଆଦୀ ନାଟ୍ୟ ତାଲିମ କାର୍ଯ୍ୟକ୍ରମ କରାଯିବା ଲାଗି ନିଷ୍ପତି ହୋଇଥିଲା । ଅତିଶୀଘ୍ର ବୈଠକ ଡକାଯାଇ ଏ ସମ୍ପର୍କରେ ନିଷ୍ପତି ନିଆଯିବ । ନୂତନ କଳାକାର ଓ ବିଭିନ୍ନ କଳା ସଂସ୍କୃତି ପ୍ରତିଭା ସମ୍ପନ୍ନ ଯୁବକ ଯୁବତୀମାନଙ୍କୁ ଏହି ମଂଚରେ ସାମିଲ କରାଯାଇ ଆଗାମୀ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ତ୍ୱରାନ୍ୱିତ କରାଯିବା ପାଇଁ ଆଜିର ଜରୁରୀ ବୈଠକରେ ନିଷ୍ପତି ନିଆଯାଇଥିଲା । ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ନାରାୟଣ ସାହୁ, ସୁନୀଲ ପଟନାୟକ, ରୋଟାରୀଆନ ପ୍ରସନ୍ନ କୁମାର ପଣ୍ଡା, ଶିବ ନାୟକ, ପ୍ରଶାନ୍ତ ଜେନା, ରମେଶ ପ୍ରଧାନ, ଅଚ୍ୟୁତାନନ୍ଦ ସେଠି, ଜିଲ୍ଲା ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷ ଅଶୋକ ବେହେରା, ଆଦିତ୍ୟ କୁମାର ତ୍ରିପାଠୀ, ଲଳିତ ମଳିକ, ତ୍ରୀନାଥ ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## କ୍ରାଇମବ୍ରାଂଚ ତଦନ୍ତ ଦାବି କଲା ପରିବାର




କେନ୍ଦ୍ରାପଡା, (ପିଏନ)-ଅଧିକ ଯୌତୁକ ଦାବିକରି ମହିଳାଙ୍କୁ ନିର୍ଯ୍ୟାତନା ଦେଇ ହତ୍ୟା କରିଥିବା ଘଟଣାରେ ପୋଲିସର ଉଦାସୀନତା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମୃତ ମହିଳାଙ୍କ ପରିବାର ଲୋକେ । ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜରିଆବାଡ ଗ୍ରାମର ବୁଲାକର ମଳିକଙ୍କ ପୁଅ ନାରାୟଣ ମଳିକ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀ ସସ୍ମିତା ମଳିକ ଗତ ୧୪ବର୍ଷ ତଳେ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ବାଇଧର ମଳିକଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟ ସସ୍ମିତା ଓ ବାଇଧରଙ୍କ ମଧ୍ୟରେ ପାଟିଗୋଳ ଆରମ୍ଭ ହୋଇଥିଲା । କାରଣ ବାଇଧର ଅନ୍ୟଏକ ଝିଅକୁ ଭଲପାଉଥିଲା । ଏହି ପାଟିଗୋଳ ହେବା ପରେ ତାଙ୍କ ଭଉଣୀ ବାପଘରକୁ ଚାଲିଯାଏ । ଶାଶୁଘର ଲୋକେ କିଛିଦିନ ପରେ ଯାଇ ସସ୍ମିତାକୁ ବୁଝାଶୁଝା କରି ନେଇଆସିଥାନ୍ତି । ଏଭଳି ବାରମ୍ବାର ହୋଇଥାଏ । ତାଙ୍କ ଭଉଣୀର ଶାଶୁ ଭାରତୀ ମଳିକ,ଦିଅର ଧକି,ଯାଆ ପୁଷ୍ପା,ମାମୁଁ ଆଦିକନ୍ଦ ପ୍ରମୁଖ ମିଶି ତାଙ୍କ ଭଉଣୀ ସସ୍ମିତାକୁ ଅଧିକ ଯୌତୁକ ଦାବୀକରି ସସ୍ମିତାକୁ ମାନସୀକ,ଶାରୀରିକ ନିର୍ଯ୍ୟାତନା ଦେଇଥିବା ସମ୍ପର୍କରେ ତାଙ୍କ ଭଉଣୀ ପୂର୍ବରୁ ଜଣାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଶେଷରେ ତାଙ୍କ ଭଉଣୀକୁ ସମସ୍ତେ ମିଶି ମାରିଦେଇଥିବା ମଧ୍ୟ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ସଦର ଥାନା ପୋଲିସ ୨୩୭/୨୦୨୦ରେ ଆଇପିସିର ଧାରା ୪୯୮(କ),୩୦୨,୩୪ଦଫାରେ ଏବଂ ଯୌତୁକ ନିରୋଧ ଆଇନ ୪ ଅନୁଯାଇ ଏକ ମାମଲା ରୁଜୁକରିଛନ୍ତି । ସଦର ଥାନା ପୋଲିସ ମୃତକର ସ୍ୱାମୀ ବାଇଧର ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଏବଂ ବିବାହ ସମୟରେ ଝିଅ ସସ୍ମିତାକୁ ଦିଆଯାଇଥିବା ସମସ୍ତ ଜିନିଷ ନଫେରାଇବା ଘଟଣା ଏବଂ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପୋଲିସ ଉଦ୍ୟମ କରୁଥିବା ଘଟଣା ପୋଲିସର ନୀରପେକ୍ଷତା ଉପରେ ସନ୍ଦେହ ପ୍ରକାଶ କରି ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିସହିତ ଏହି ହତ୍ୟା ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରାଯିବାକୁ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପରିବାର ପକ୍ଷରୁ ନାରାୟଣ ମଳିକ, ଶୁକାନ୍ତି ମଳିକ, ବିନିତା ମଳିକ, ସୁଷମା ମଳିକ, ରଚନା ମଳିକ ପ୍ରମୁଖ ଦେଇଛନ୍ତି ।

## ପୁଟୁମପାଲ୍ଲୀ ଡ଼ଙ୍ଗା ବୁଡି ଘଟଣା : ଶବ ଖେଳୁଛି ଲୁଚକାଳି

ମାଲକାନଗିରି, (ପି.ଏନ): ଝମାଲକାନଗିରି ଜିଲ୍ଲା ପଡିଆ ବ୍ଲକ କାଲଦାପାଲ୍ଲୀ ପଞ୍ଚାୟତ ପୁଟୁମପାଲି ନିକଟସ୍ଥ ପୋଟେରୁ ନଦୀରେ ଡଙ୍ଗା ବୁଡ଼ି ନିଖୋଜ ହୋଇଥିବା କନିଷ୍ଠ ଯନ୍ତ୍ରୀଙ୍କ ମୃତଦେହ ଆଜି ସକାଳେ ଠାବ ହୋଇଥିଲା । ନିଖୋଜ ହେବାର ୩ ଦିନ ପରେ ନଦୀରେ ଯନ୍ତ୍ରୀଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ୩ କିଲୋମିଟର ଦୂର ଗୋରଖପାଲ୍ଲୀ ଗ୍ରାମ ନଦୀ ମୁହାଣରେ ଆଜି ସକାଳ ୮ ଟା ସମୟରେ ଠାବ ହୋଇଥିଲା । ଶବ ଠାବ ହେବା ପରେ ଉଦ୍ଧାର ପାଇଁ ଅଗ୍ନିଶମ କର୍ମଚାରୀ ସେହି ସ୍ଥାନରେ ପହଂଚି ଥିଲେ । କିନ୍ତୁ, ଉଦ୍ଧାର ପୂର୍ବରୁ ପୁଣି ଥରେ ମୃତଦେହ ପ୍ରବଳ ଜଳ ସ୍ରୋତରେ ଭାସି ନିଖୋଜ ହୋଇଯାଇଥିଲା ।ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ନଦୀରେ ଜଳ ସ୍ରୋତ ପ୍ରବଳ ଥିବାରୁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଶବ ଉଦ୍ଧାର ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଶବ ଅଗ୍ନିଶମ କର୍ମଚାରିଙ୍କ ସହ ଲୁଚ କାଳି ଖେଳୁଛି ।ସୂଚନାଯୋଗ୍ୟ, ପଡ଼ିଆ ବ୍ଲକ ଅନ୍ତର୍ଗତ ପୁଟୁମପଲ୍ଲୀ ନଦୀ ଘାଟରେ ଡ଼ଙ୍ଗା ବୁଡ଼ି ବ୍ରିଜ କାମ କରୁଥିବା ଠିକା ସଂସ୍ଥାର କନିଷ୍ଠ ଯନ୍ତ୍ରୀ କୈଳାସ ସାହୁ ନିଖୋଜ ହୋଇଥିଲେ । ଡ଼ଙ୍ଗାରେ ପେଣ୍ଟୁଲୁବାଇ ଗାଁରୁ ପୁଟୁମପଲ୍ଲୀ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଡ଼ଙ୍ଗାଟି ଓଲଟି ପଡିବାରୁ କନିଷ୍ଠ ଯନ୍ତ୍ରୀ ନିଖୋଜ ହୋଇଥିଲେ । ଘଟଣା ସମୟରେ ଡଙ୍ଗାରେ ମୋଟ ୧୪ ଜଣ ଯାତ୍ରୀ ଥିଲେ । ଘଟଣାଟି ଶୁକ୍ରବାର ସନ୍ଧ୍ୟାରେ ଘଟିଥିଲା । ନିଖୋଜ ଯନ୍ତ୍ରୀଙ୍କ ଘର ଉତର ପ୍ରଦେଶ ରାଜ୍ୟରେ ବୋଲି ଜଣାପଡିଛି । ପଡ଼ିଆ ଅଗ୍ନିଶମ ବାହିନୀ ଖୋଜାଖୋଜି ଜାରି ରଖିଛି ।

# ବଲାଙ୍ଗିର ସିନିୟର ନକ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଅଷ୍ଟମ ଦିବସ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଆଜି ପଲ୍ଲିଶ୍ରୀ ଷ୍ଟଡିୟମ ସଦାଇପାଲି ଠାରେ ଗେର୍ଡି ଟ୍ରାଇବ୍ରେକର ୫-୪ ଗୋଲରେ ଆଗଲପୁର ଇଲେଭେନଷ୍ଟାର କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ସୁଶ୍ରୀ ଆଇଟିଆଇ ଅଧ୍ୟକ୍ଷ ସନ୍ତୋଷ କୁମାର ବ୍ରହ୍ମା, ସିସିଏଫ୍ଏ ସଭାପତି ସୁରେନ୍ଦ୍ର ନାଗ ଓ ପୂର୍ବତନ ଖେଳାଳି ପ୍ରଦୀପ କୁମାର ମହାରଣା ଯୋଗ ଦେଇଥିଲେ । ରେଫରି ସଂଜିବ ମହାରଣା, ସୁଦର୍ଶନ ସେଠ, ସୁରେଶ ନାଏକ ଓ ସୁଧାଂଶୁ ସେଠ ଖେଳ ପରିଚାଳନା କରିଥିଲେ । ଖୁଜେନପାଲି ପଡିଆରେ ଗଇଁତଲା ୧-୦ ଗୋଲରେ ଭାଲେର କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ କ୍ରୀଡା ସଂସଦର ସଭ୍ୟ ସଂଗ୍ରାମ ବହିଦାର, ଭୁପେନ୍ଦ୍ର ସିଂ ଓ ପୂର୍ବତନ ଖେଳାଳି ଶିବରାମ ମାଝି ଯୋଗ ଦେଇଥିଲେ । ରେଫରି ଭାବରେ ସୁଶାନ୍ତ ନାଗ, ଦେବାଶିଷ ବାଗ, ଶ୍ରବଣ ବାଗ ଓ ନରସିଂ ସ୍ୱାମୀ ନାଇଡୁ ଦାୟିତ୍ୱ ତୁଲାଇଥିଲେ । ଚୁଡାପାଲି ପଡିଆରେ ନକଟାସର ୬-୦ ଗୋଲରେ ସୁନାମୁହି କୁ ହରାଇ ଗ୍ରୁପ ଚମ୍ପିୟାନ ହୋଇଛି । ଅତିଥି ଭାବେ ଚୁଡାପାଲି ପିଏସ୍ ମେମ୍ବର ପୁଷ୍ପାଞ୍ଜଳି ମହାଲିଙ୍ଗ ଯୋଗ ଦେଇଥିଲେ । ରେଫରି ଭାବେ ଦେବରାଜ ନାହାକ, ପୁରୁଷୋତମ ବୁଡେକ, ଉମେଶ ଭୋଇ ଓ ଜଳନ୍ଧର ସାହୁ ଦାୟିତ୍ୱ ତୁଲାଇଥିଲେ । ଜରାସିଂହା ପଡିଆରେ ମହିପୁର ୭-୦ ଗୋଲରେ ବଡଙ୍ଗୋମୁଣ୍ଡା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ମେହେର, ବିଜେଡି ନେତା ଉମା ଶଙ୍କର ସିଂ, ଅନ୍ତର୍ଯ୍ୟାମି ଭୋଇ ଓ ଶତୃଘନ ଘଡାଇ ଯୋଗ ଦେଇଥିଲେ । ରେଫରି ଭାବରେ ସଞ୍ଜନ କୁଦେଇ, କୈଳାସ କର୍ତି, କୁନ୍ତେ ମେହେର ଓ ଲକ୍ଷ୍ମୀଧର ମହାନ୍ତି ଖେଳ ପରିଚାଳନା କରିଥିଲେ । ତୁର୍ଲା (ଟିଟିଲାଗଡ) ପଡିଆରେ ସିହିନି ୪-୦ ଗୋଲରେ ତୁର୍ଲା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ କ୍ରୀଡା ସଂଗଠକ ନିରାକାର ସୁନାନି ଓ ରଘୁ ଖର୍ସେଲ ଯୋଗ ଦେଇଥିଲେ । ରେଫରି ଭାବରେ ବିବଛ ମାଝି, ଯଶୋବନ୍ତ ମାଝି, ରାଜେଶ ସ୍ୱାଇଁ ଓ ଲବ ସୁନାନି ଦାୟିତ୍ୱ ତୁଲାଇଥିଲେ । ପାଟଣାଗଡ ପଡିଆରେ ତେନ୍ତୁଳିମୁଣ୍ଡା ୩-୦ ଗୋଲରେ ପାଟଣାଗଡ ଏଫ୍ଏ କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ କାଦୋପଡା ଦୁର୍ଗାପୂଜା କମିଟି ର ମହାଦେବ ମେହେର, ଗୋକୁଳରାମ ମେହେର, ପ୍ରଶନ୍ନ ମେହେର ଓ ସନ୍ତୋଷ ଚୋପଦାର ଯୋଗ ଦେଇଥିଲେ । ଖେଳକୁ ବିକି ବିଶି, ତ୍ରିନାଥ ଚନ୍ଦନ, ରାଜେନ୍ଦ୍ର ଧରୁଆ ଓ ଉପେନ୍ଦ୍ର ଚନ୍ଦନ ପରିଚାଳନା କରିଥିଲେ । ହଳଦି ପଡିଆରେ କଂଟାବାଞ୍ଜି ଏଫ୍ସି ୨-୦ ଗୋଲରେ ବଙ୍ଗୋମୁଣ୍ଡାକୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ସରପଂଚ ବିଶ୍ୱ ବିହାରୀ ଯୋଷୀ, ସରପଂଚ ଅଜିତ ଯୋଷୀ ଓ ପୂର୍ବତନ ଖେଳାଳି ବଳରାମ ସା ଯୋଗ ଦେଇଥିଲେ । ରେଫରି ଭାବେ ପାଣ୍ଡବ ବିଶି, ଆଶିଷ ଦେବ ସା, ପ୍ରତାପ ଭୁକ୍ତା ଓ ଆଶିର୍ବାଦ ସା ଦାୟିତ୍ୱ ତୁଲାଇଥିଲେ ।

## ଖଡ଼ିଆଳ ଗସ୍ତରେ ବିଧାନସଭା ଷ୍ଟାଣ୍ଡିଂ କମିଟି

ନୂଆପଡ଼ା, (ପି.ଏନ): ନୂଆପଡା ଜିଲ୍ଲାକୁ ଓଡିଶା ବିଧାନସଭା ଗୃହ କମିଟି(୬) ଦିନିକିଆ ଗସ୍ତ କରି ବିଭିନ୍ନ ବିଷୟ ଅନୁଧ୍ୟାନ କରିଛନ୍ତି । ଗସ୍ତରେ କମିଟି ଅଧକ୍ଷ ନରସିଂହ ମିଶ୍ରଙ୍କ ସମେତ ସ୍ଥାନୀୟ ବିଧାୟକ ଅଧିରାଜ ପାଣିଗ୍ରାହୀ, କମିଟି ସଦସ୍ୟ ବିଧାୟକ ମହିଧର ରଣା ଏବଂ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇଥିଲେ । ଖଡ଼ିଆଳ ସ୍ଥିତ ନିମ୍ନ ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ସମ୍ମିଳନୀ କକ୍ଷ ଠାରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରି ପିଡ଼ିଏସ ସ୍ଥିତି, ଧାନ ମଣ୍ଡି ଆଦି ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ମଣ୍ଡି ପୂର୍ବରୁ ସିସିଟିଭି ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପରେ ଗୃହ କମିଟି ମଣ୍ଡୋସିଲ ଗ୍ରାମ ପରିଦର୍ଶନ କରି ସେଠାରେ ଟେରାକୋଟା କାର୍ଯ୍ୟ ପରିଦର୍ଶନ କରିଥିଲେ ।

# ନିଖିଳ ଓଡିଶା ଆଶାକର୍ମୀ ସଂଘ ର ଜିଲ୍ଲା କାର୍ଯ୍ୟକାରୀ ବୈଠକ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଯାଦବ ଭବନ ଠାରେ ନିଖିଳ ଓଡିଶା ଆଶାକର୍ମୀ ସଂଘ ବଲାଙ୍ଗିର ଜିଲ୍ଲା ଏଆଇଟିୟୁସି ସହ ସହ ବନ୍ଧିତ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ ଜିଲ୍ଲା ସଭାପତି ସାଥୀ ତୀର୍ଥ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଉପ-ସଭାପତି ସରସ୍ୱତୀ ଶର୍ମାଙ୍କ ଦ୍ୱାରା ଦିବଂଗତ ଆଶା କର୍ମୀ ଦ୍ୱୟ ସ୍ୱର୍ଗତ ସୁରଭି ନନ୍ଦ ଦେଓଗାଁ ବ୍ଲକ ଓ ସ୍ୱର୍ଗତ ଉମା ପଧାନ ବେଲପଡା ବ୍ଲକଙ୍କ ଅକାଳ ବିୟୋଗରେ ସଭାରେ ଶୋକ ପ୍ରସ୍ତାବ ଆଗତ କରାଯାଇ ଅମର ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏଆଇଟିୟୁସି ଜିଲ୍ଲା ସଭାପତି ସାଥୀ ବିଭୁଦତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ଆଶା କର୍ମୀଙ୍କୁ ଶଶକ୍ତ ଭାବେ ସଂଗଠିତ ହୋଇ ନିଜର ହକ୍ ହାସଲ କରିବା ପାଇଁ ସରକାରଙ୍କ ଠାରେ ଲଢେଇ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରମିକ କର୍ମଚାରୀ ନେତା ତଥା ଏଆଇଟିୟୁସି ଜିଲ୍ଲା ସଂପାଦକ ଦେବାଶିଷ କୁମାର ବାବୁ ଯୋଗ ଦେଇ ସଂଗଠନକୁ ତୃଣମୁଳ ସ୍ତରରୁ ମଜବୁତ ତଥା ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସଂପାଦିକା ଓମି ଗୁପ୍ତା ସଂଗଠନର ସଂପାଦକୀୟ ବିବରଣୀ ତଥା ଆୟ ବ୍ୟୟ ସଭାରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଦିବଂଗତ ଆଶା କର୍ମୀଦ୍ୱୟଙ୍କ ପରିବାରକୁ କ୍ଷତି ପୂରଣ ସାହାଯ୍ୟ ସରକାରଙ୍କୁ ଶିଘ୍ର ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ । ଯଶୋବନ୍ତୀ ବେହେରା, ମଳୟ ବିଶ୍ୱାଳ, ସାଏବୁ ନନ୍ଦ, ଦୁର୍ଯ୍ୟୋଧନ ବିଶ୍ୱଲ, ପ୍ରବିର କମ୍ପ, କନ୍ଦର୍ପ ଦୀପ, ବନୀତା ପୁଟେଲ, ସୁବାସ ସାହୁ, ମାଧବି ବେହେରା, ବାସମତି ବାଗ, ସଂଯୁକ୍ତା ରାୟ ପ୍ରମୁଖ ସଭାରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଶେଷରେ ପୁଷ୍ପାଞ୍ଜଳି ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସଭାକାର୍ଯ୍ୟ ସାଂଗ ଘୋଷଣା କରିଥିଲେ ।

# ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ବଲାଙ୍ଗିର ମହିଳା ମାନଙ୍କ ଅନଲାଇନ ଆଲୋଚନାଚକ୍ର

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ମହିଳା ମାନଙ୍କ ଏକ ଆବାସି (ଅନ୍ଲାଇନ୍) ବୈଠକ ଗତକାଲି ସନ୍ଧ୍ୟା ୫.୩୦ ରେ ଅନୁଷ୍ଠିତ ହୋଇଯାଇଛି । ମହିଳା ମାନଙ୍କ ଏହି ବୈଠକରେ ଜିଲ୍ଲା ଭିତରେ ଥିବା ସଭ୍ୟା ମାନେ ଯୋଗାଇଥିଲେ । ସଂଗଠନ ର ପୂର୍ବ କ୍ଷେତ୍ର ସଂଗଠନ ସଚିବ ରାମଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇ ମହିଳା ମାନକୁ ଅଧିକ ରୁ ଅଧିକ ସଂଖ୍ୟରେ ପଂଚାୟତ ସହିତ ଯୋଡ଼ିବା ଦିଗରେ ସକ୍ରିୟ ଭବରେ ସମସ୍ତେ ପ୍ରୟାସ କରିବାକୁ କହିଥିଲେ । ଖାଉଟି ସମସ୍ୟା ସହିତ ମହିଳା ମାନେ ସିଧାସଳଖ ସମ୍ପର୍କିତ ଥିବାରୁ ସେମାନେ ଖାଉଟି ସୁରକ୍ଷା ସଚେତନତା ଓ ଶୋଷଣ ମୁକ୍ତ ସାମାଜ ଗଠନ ଦିଗରେ ସକ୍ରିୟ ରହିବେ ।ବିଭିନ୍ନ ସମସ୍ୟା ସମାଧାନ ଦିଗରେ ବଲାଙ୍ଗିର ଜିଲାରେ ଅତୀତରେ କିଛି ମହିଳା ସଦସ୍ୟା ଙ୍କ ସକ୍ରିୟତା କାମ କରି ଯାହାକୁ ଅସାଧ ବୋଲି ବିବେଚନା କରାଯାଏ ତାକୁ ସାଧ୍ୟ କରି ଦେଖାଇ ଦେଇଛନ୍ତି । ଏହି ବୈଠକ ର ଆବାହକ ସଂଯୁକ୍ତା ମିଶ୍ର ଥିଲାବେଳେ ପଂଚାୟତ ର କାର୍ଯ୍ୟକାରୀ ସଦସ୍ୟା ରଞ୍ଜିତା ମିଶ୍ର, ବୀଣାପାଣି ଆଚାର୍ଯ୍ୟ, କୁସୁମ ସତପଥୀ , କସ୍ତୁରୀ ରଥ, ନିହାରିକା ମିଶ୍ର,ସବିତାଞ୍ଜଳି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଓଡିଶା ପଶ୍ଚିମ ରାଜ୍ୟ ସାଧାରଣ ସମ୍ପାଦକ ମାଣିକ ଲାଲ ବର୍ମା, ସଂଗଠନ ସମ୍ପାଦକ ସତ୍ୟ ନାରାୟଣ ପଟେଲ୍ ନୀରବ ଯୋଗଦେଇ ଥିଲେ. ବୈଠକ କୁ ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ ପରିଚାଳନା ରେ ସହଯୋଗ କରିଥିଲେ ।

# ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ବିଶ୍ୱ ଭାତୃତ୍ୱ ଦିବସ ପାଳିତ

ଘସିପୁରା ,(ପି.ଏନ):ଦେଓଗାଁ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ବିଶ୍ୱ ଭାତୃତ୍ୱ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅନାମ ଚରଣ ମାଝୀ ଙ୍କ ସଂଯୋଗଜନାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୂଖ୍ୟ ଅତିଥି ଭାବେ ଆନନ୍ଦପୁର ପ୍ରାକ୍ତନ ଗୋଷ୍ଠି ଶିକ୍ଷା ଅଧିକାରୀ ଶରତ କୁମାର ରାଉତ ଯୋଗ ଦେଇ ବିବେକାନନ୍ଦଙ୍କ ବାଣୀ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଅବସର ଶିକ୍ଷକ ହରିପ୍ରସାଦ ମିଶ୍ର, ମାଳତୀ ଭୂୟାଁ, ପ୍ରସାନ୍ତ କୁମାର ମହାନ୍ତି, ବିଦ୍ୟାଳୟ ସଂପାଦକ ରବିନାରାୟଣ ସିୟଳ, ଆଜୀବନ ସଦସ୍ୟ ଦିଲିପ କୁମାର ଭୂୟାଁ ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ବଳରେ କିପରି ବିଶ୍ୱବାସୀ ଙ୍କ ହୃଦୟକୁ ଜୟ କରିବାରିଥିଲେ ସେ ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବିକ୍ତବ୍ୟ ମାଧମରେ ବୁଝାଇ ଦେଇଥିଲେ ।ଶେଷରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି,ମାନେ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମକୁ ଗୁରୁଜୀ ଯୁଧଷ୍ଠିର ସେଠୀ, ପ୍ରଶାନ୍ତ କୁମାର ସାହୁ, ଗୌରାଙ୍ଗ ଚରଣ ଜେନା, ରସାନନ୍ଦ ବେହେରା ଙ୍କ ସହିତ ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ସହଯୋଗ କରିଥିଲେ ।

# ବୋନସ ଦାବି ନେଇ ଠିକା ଶ୍ରମିକମାନେ ବିଚାକୁଣ୍ଡି ଟାଟା ଷ୍ଟିଲ କାର୍ଯ୍ୟାଳୟ ଘେରାଉ



ଯୋଡା,(ପିଏନ)- ବର୍ଦ୍ଧିତ ହାରରେ ବୋନସ ଦାବି କରି ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଟାଟା ଷ୍ଟିଲ୍ ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ପରିଚାଳନାଧିନ ବିଚାକୁଣ୍ଡି ଓ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ ଅନୁବନ୍ଧିତ କରୋନେସନ ଇଣ୍ଡିଆ ପ୍ରାଇଭେଟ୍ ଲିଃ (ସିଆଇପିଏଲ) ନାମକ ଜୈନିକ ଖଣି ଠିକା ସଂସ୍ଥାରେ କାମ କରୁଥିବା ଶତାଧିକ ଠିକା ଶ୍ରମିକ ଗତକାଲି ଠାରୁ ବିଚାକୁଣ୍ଡି ମାଙ୍ଗାନିଜ ଖଣିର ଟାଟା ଷ୍ଟିଲ କାର୍ଯ୍ୟଳୟକୁ ଘେରାଉ କରିଥିବାର ଖବର ମିଳିଛି । ଶାନ୍ତି ଶୃଙ୍ଖଳା ନିମନ୍ତେ ଯୋଡା ପୁଲିସ ଘଟଣା ସ୍ଥଳରେ ନିୟୋଜିତ ରହିଥିବାର ସୂଚନାରୁ ପ୍ରକାଶ । ଅନ୍ୟପକ୍ଷେ ସମାନ କାରଣରୁ ସିଆଇପିଏଲ ଅଧିନରେ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ କାର୍ଯ୍ୟରତ ଶତାଧିକ ଠିକା ଶ୍ରମିକ ଗତ ୮ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ଥିବାର ଖବର ମିଳିଛି । ନିୟମ ମୁତାବକ ସିଆଇପିଏଲ ଉଭୟ ଖଣି ନିମନ୍ତେ ୮.୩୩ ଶତକଡା ବୋନସ ଘୋଷଣା ପରେ ଠିକା ଶ୍ରମିକଙ୍କ ପକ୍ଷରୁ ଅଧିକ ବୋନସ ଦାବିରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାର ଖବର ମିଳିଛି । ତେବେ ୨୦୧୯ ରେ ବିଚାକୁଣ୍ଡି ଖଣି ଠିକା ଶ୍ରମିକ ୧୨ ଶତକଡାରୁ ଉର୍ଦ୍ଧ୍ୱ ରାଶି ପୂଜା ବୋନସ ଆକାରରେ ପାଇଥିବା ବେଳେ ୨୦୨୦ ଚଳିତ ବର୍ଷ ମହାମାରୀ କରୋନାକୁ ନେଇ ଆର୍ଥିକ ସ୍ଥିତି ଉଜାଡି ଯାଇଥିବା ହେତୁ କମ୍ପାନୀ କ୍ଷତି ସହୁଥିବାରୁ ବନୋସ ହାର ୮.୩୩ ଶତକଡା ଘୋଷଣା କରିଥିଲେ । ଏହାର ବିରୋଧ କରି ଶ୍ରମିକ ମାନେ ଟାଟା ଷ୍ଟିଲ ଅଫିସ ଘେରାଉ କରିବା ପରେ ଉକ୍ତ ଠିକାଦାର ୧୦.୫ ଶତକଡା ବଢାଇଥିଲେ ମଧ ଖଣ୍ଡବନ୍ଧ ଖଣି ଠିକା ଶ୍ରମିକ ୧୫ ଶତକଡା ପୂଜା ବୋନସ ପାଇଁ ଜିଦର ଅଟଳ ରହିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ,୨୦୧୮ ଅଗଷ୍ଟ ମାସରୁ ସିଆଇପିଏଲ ସଂସ୍ଥା ସମ୍ପୃକ୍ତ ଖଣି ଦ୍ୱୟରେ ମାଙ୍ଗାନିଜ ଖନନ,ଉତ୍ତୋଳନ,ପରିବହନ ଓ ପ୍ରକ୍ରିୟାକରଣ ନିମନ୍ତେ ନିୟୋଜିତ ହୋଇ ସେପ୍ଟେମ୍ବର ମାସରୁ କାର୍ଯ୍ୟ ଆରମ୍ଭ କରିଥିଲେ । ଅପରପକ୍ଷେ ପ୍ରନ୍ସିପାଲ ଏମ୍ପ୍ଲୟର ଟାଟା ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ସହ ଚୁକ୍ତିନାମା ମୁତାବକ ଓ ନିୟମ ଅନୁଯାୟୀ ବିଗତ ଆର୍ଥିକ ବର୍ଷର ସେପ୍ଟେମ୍ବର ରୁ ମାର୍ଚ୍ଚ ସାତ ମାସ ନିମନ୍ତେ ୧୦.୫ ଶତକଡା ବୋନସ ଧାର୍ଯ୍ୟ ଘଟଣାକୁ ନ୍ୟାଯ୍ୟ ବୋଲି କହିବା ସହ କମ୍ପାନୀର ଅନ୍ୟ ଭେଣ୍ଡର ସମୂହ ସମାନ ବୋନସ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିବାର ସିଆଇପିଏଲ ପକ୍ଷରୁ ଏହାର ମହାପ୍ରବନ୍ଧକ ଅନୁଭବ ଦତ୍ତ ନିଜ ଜିଦରେ ଅଟଳ ଥିବାର ଖବର ମିଳିଛି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଖଣି ଠିକା ସଂସ୍ଥା ଓ ଠିକା ଶ୍ରମିକଙ୍କ ମଧ୍ୟରେ କୌଣସି ପ୍ରକାର ସହମତି ପ୍ରକାଶ ପାଇନଥିବାରୁ ଘଟଣା ସ୍ଥଳରେ ଚପା ଉତ୍ତେଜନା ଲାଗି ରହିଥିବା ସହ ଦାବି ପୂରଣ ନ ହେଲେ ଗତକାଲି ଠାରୁ ଖଡବନ୍ଧ ଖଣିକୁ ଶ୍ରମିକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଚେତାବୀ ଦେଇଥିବା ଖବର ମିଳିଛି ।

## ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣା : ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ମ୍ୟୁନିସିପାଲିଟି ଅଧକ୍ଷା ଏସଡିପିଓଙ୍କୁ ଭେଟିଲେ

କନ୍ଧମାଳ, (ପି.ଏନ): ଫୁଲବାଣୀ ମ୍ୟୁନିସିପାଲିଟିର ଯନ୍ତ୍ରୀ ଇଂ. ନୀଳକଣ୍ଠ ନାୟକଙ୍କ ଉପରେ ଆକ୍ରମଣ ଘଟଣାରେ ଜଡ଼ିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ଆଜି ମୁନିସିପାଲିଟି ଅଧକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁଙ୍କୁ ଭେଟିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୧୦ ତାରିଖ ରାତିରେ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଯନ୍ତ୍ରୀ ଶ୍ରୀ ନାୟକ ରହୁଥିବା ବାସଭବନ ଆଗରେ କିଛି ଦୁର୍ବୃତ ଗାଳିଗୁଲଜ କରିବା ସହ ତାଙ୍କୁ ଆକ୍ରମଣ କରିଥିଲେ । ଏ ନେଇ ଯନ୍ତ୍ରୀ ଶ୍ରୀ ନାୟକ ସ୍ଥାନୀୟ ଟାଉନ ଥାନାରେ ଏତଲା ଦେଇଥିଲେ । ତେବେ ସହରରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀ ମାନଙ୍କ ଉପରେ ଲଗାତାର ଆକ୍ରମଣ ହେଉଥିବା ଓ ପୋଲିସ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ନେଇ ଯନ୍ତ୍ରୀ ଓ ସରକାରୀ କର୍ମଚାରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୋମବାର ମ୍ୟୁନିସିପାଲିଟି ଅଧକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ ମାନେ ମିଳିତ ଭାବେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରି ପୋଲିସ ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁଙ୍କୁ ଭେଟି ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଏଥି ପୂର୍ବରୁ ଫୁଲବାଣୀ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ କିଛି ଦୁର୍ବୃତ ଗାଳିଗୁଲଜ କରିବା ସହ ଅସଦ ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଥାନାରେ ମାମଲା ରୁଜୁ ହୋଇଛି । ସେହିପରି ଅଗଷ୍ଟ ୧୬ରେ ଫୁଲବାଣୀ ପିଡବ୍ଲୁଡିର ଅନ୍ୟ ଜଣେ ଯନ୍ତ୍ରୀଙ୍କୁ ମଧ ଜଣେ ଦୁର୍ବୃତ କୋର୍ଟ ଛକରେ ଛୁରୀ ଭୁସି ଦେଇଥିଲା । ଏନେଇ ସମ୍ପୃକ୍ତ ଆହତ ଯନ୍ତ୍ରୀ ଥାନାରେ ଏତେଲା ଦେଇଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ଏଯାଏଁ । କେବଳ ସେତିକି ନୁହେଁ ଗତବର୍ଷ ମଧ ସରୋଜ ପାତ୍ରୀ ନାମକ ଜଣେ ସହକାରୀ ଯନ୍ତ୍ରୀଙ୍କ ବାସଭବନରେ ଦୁର୍ବୃତମାନେ ପଶି ମାଡ଼ ମାରିବା ସହ ସେଠାରେ ଭଙ୍ଗାରୁଜା କରିଥିଲେ । ତେବେ ପୋଲିସ ତୁରନ୍ତ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ହୋଇପଡିଛି ।




Bhubaneswar Tuesday September 13, 2022 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୧୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଓଡିଶା ଭଲିବଲ ସଂଘର ନୂତନ ସଭାପତି ରବି ଦାସଙ୍କୁ ପାରାଦୀପରେ ଭବ୍ୟ ସମ୍ବର୍ଦ୍ଧନା



ପାରାଦୀପ,(ପି.ଏନ): ଓଡିଶା ଭଲିବଲ ସଂଘର ବାର୍ଷିକ ସାଧାରଣ ବୈଠକ ଓ ୨୦୨୨-୨୬ ବର୍ଷ ପାଇଁ ନକ୍ସଛନ କାର୍ଯ୍ୟକର୍ତା ନିର୍ବାଚନ ରବିବାର ଦିନ କଟକର ବାରବାଟିସ୍ଥିତ ଓଡିଶା ଅଲମ୍ପିକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସର୍ବସମ୍ମତି କ୍ରମେ ସଭାପତି ଭାବେ ନିର୍ବାଚନ ହୋଇଥିବା ବେଳେ ଡଃ ଗଗନେନ୍ଦୁ ଦାଶ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ପାରାଦୀପ ବନ୍ଦର କ୍ରିଡା ଉପଦେଷ୍ଟା ରବୀନ୍ଦ୍ର କୁମାର ଦାସ ସଂଘର ଉପସଭାପତି ଭାବେ ନିର୍ବାଚନ ହୋଇଥିବା ବେଳେ ଅନ୍ୟାନ୍ୟ ପଦବୀରେ ବହୁ ନୂତନ କାର୍ଯ୍ୟକର୍ତା ନିର୍ବାଚିତ ହୋଇଛନ୍ତି । ତେବେ ଏହି ଖବର ପାଇବା ପରେ ପାରାଦୀପ ଭଲିବଲ ଓ କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଛି । ଏହି ଅବସରରେ ସୋମବାର ସନ୍ଧ୍ୟାରେ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନୂତନ ଉପସଭାପତି ଶ୍ରୀ ଦାସଙ୍କୁ ପାରାଦୀପ ପୋର୍ଟ ସ୍ପୋର୍ଟସ କାଉନସିଲର କାର୍ଯ୍ୟକାରୀ ସଭାପତି ଡ. ଦୁର୍ଗା ପ୍ରସାଦ ସେଠୀ, ପାରାଦୀପ ପୋର୍ଟ ସ୍ପୋର୍ଟସ କାଉନସିଲ, ପାରାଦୀପ ଭଲିବଲ ରେଫରୀ ସଂଘ, ଓଡିଶା କଲାରୀପାୟାଟୁ ସଂଘ, ପାରାଦୀପ ଜୁଡୋ ଆସୋସିଏସନ୍, କୁଜଙ୍ଗ କ୍ରିକେଟ କ୍ଲବ, ପାରାଦୀପର ସମସ୍ତ ଫୁଟବଲ, କ୍ରିକେଟ, ହକୀ, ଟେନିସ ଭଲିବଲ ସମେତ ବିଭିନ୍ନ ସଂଘ, କ୍ଲବ, ଅନୁଷ୍ଠାନର ଖେଳାଳୀ ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସ ନୂତନ ସଭାପତି ଡଃ ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱରେ କାର୍ଯ୍ୟକରିବାର ସୌଭାଗ୍ୟ ପାଇଥିବାରୁ ପାରାଦୀପ ତଥା ଓଡିଶାର ଭଲିବଲ ଉନ୍ନତି ପାଇଁ କାର୍ଯ୍ୟ କରିପାରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି । ତେବେ ଏଥି ପାଇଁ ପାରାବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ, ଓଡିଶା ଫୁଟବଲ ଆସୋସିଏସନର ସମ୍ପାଦକ ଆଶ୍ରୀବାଦ ବେହେରା ତଥା ସମସ୍ତ ଜିଲ୍ଲା କର୍ମକର୍ତାଙ୍କୁ ଶ୍ରୀ ଦାସ କୃତଜ୍ଞତା ଜଣାଇଛନ୍ତି ।

## ଜ୍ୟୋତିଷ ବିଷ୍ଣୁ ପ୍ରସାଦଙ୍କୁ ଗୌରବ ରତ୍ନ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପୌରପରିଷଦ ୪ନଂ ୱାର୍ଡର ନାୟକ ସାହିର ବିଷ୍ଣୁ ପ୍ରସାଦ ଗୁରୁଙ୍କୁ ଜଗତପୁର ତଳ ପୂଜା କମିଟି ପକ୍ଷରୁ ଉତ୍କଳ ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଛି । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଜଗତପୁର ପୂଜା କମିଟି ପକ୍ଷରୁ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ହାଇକୋର୍ଟର ବିଚାରପତି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଚୌଦ୍ୱାର ବିଧାୟକ ଶୌଭିକ୍ ବିଶ୍ୱାଳ ଓ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ପ୍ରମୁଖ ଯୋଗ ଦେଇଥିଲେ । ନିମନ୍ତ୍ରିତ ଅତିଥିମାନେ ବିଭିନ୍ନ ବର୍ଗରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରିଥିଲେ । ଏଥିରେ ଜ୍ୟୋତିଷ ଶାସ୍ତ୍ର ବିଷାରଦ ବିଷ୍ଣୁ ପ୍ରସାଦ ଗୁରୁଙ୍କୁ ମାନପତ୍ର ଦେଇ ଉତ୍କଳ ଗୌରବ ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

## ଓଷ୍ଟା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ବାର୍ଷିକ ଅଧିବେଶନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର,(ପି.ଏନ): ସ୍ଥାନୀୟ ଶିକ୍ଷକ ଭବନଠାରେ ଓଷ୍ଟା ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ସୟ ବସନ୍ତ ଚକ୍ରଙ୍କ ଅଧ୍ୟକ୍ଷତାରେ କୋର କମିଟି ବୈଠକ କରି ସେପ୍ଟେମ୍ବର ୧୪ ତାରିଖ ବୁଧବାର ଦିନ ୧୦ଟା ୩୦ମିନିଟ ସମୟରେ ଶିକ୍ଷକ ଭବନଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ କରାଯାଇଛି ।

# ସଦର ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ



କେନ୍ଦୁଝର,(ପି.ଏନ): କେନ୍ଦୁଝର ସଦର ବ୍ଲକ ସଭାଗୃହଠାରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ(ନୂତନ ପେନସନ ଯୋଜନା ଭୁକ୍ତ) ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ-୨୦୨୨ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମଣ୍ଡଳ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା ମୁଖ୍ୟବକ୍ତା ଭାବରେ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାଗବତ ନାଏକ,ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ରାଉତ,ଜିଲ୍ଲା ସଂପାଦକ ତଥା ବ୍ଲକ ସଭାପତି ଉମାଶଙ୍କର ମିଶ୍ର,ଜିଲ୍ଲା ବିଜ୍ଞାନ ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ରାଜ୍ୟ ସଂଘ ଉପସଭାପତି ମନୋଜ କୁମାର ମହାନ୍ତ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ରଖିଥିଲେ । ଉକ୍ତ ଉତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଶିକ୍ଷା ତଥା ସଂଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକ ପରମାନନ୍ଦ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ବ୍ଲକ ସଂପାଦକ ଅଭିମନ୍ୟୁ ଦାଶ ମ□ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଜୟଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ବୈଷ୍ଣବ ଚରଣ ସାହୁ,କିଶୋର ଚନ୍ଦ୍ର ବାରିକ,ବିନୋଦ ଚରଣ ମହାନ୍ତ,ପ୍ରମିଳା କୁମାରୀ ମହାନ୍ତ,ଅମିତା ମହାନ୍ତ,ଜ୍ୟୋସ୍ନା ପାତ୍ର,ଗଙ୍ଗାଧର ମହାନ୍ତ,ପ୍ରଭାକର ରାଉତ,ସେବତୀ ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାକାର୍ଯ୍ୟକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ସିବ କୁମାର ସାହୁ,ସସ୍ମିତା ବାରିକ,ସୌଭାଗ୍ୟ ଦାସ,ସୁଧାଂଶୁ ରାଉତ,ତ୍ରୈଲୋକ୍ୟ ମିଶ୍ର,ଧର୍ମାନନ୍ଦ ସାହୁ,ଦେବଦ□ ପଟ୍ଟନାୟକ,ବିଜୟ କୁମାର ମିଶ୍ର,ହରେକୃଷ୍ଣ ପଣ୍ଡା,ରାଜେଶ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ ।

## ନିଟ୍ (ୟୁଜି) ପରୀକ୍ଷାରେଡି.ଏ.ଭି. କଳିଙ୍ଗ ନଗରର ଆଶାତୀତ ସଫଳତା ସହ ସର୍ବକାଳୀନ ରେକର୍ଡ

ଭୁବନେଶ୍ୱର,(ପି.ଏନ):ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ନ୍ୟାସନାଲ ଏଲଜିବିଲିଟି କମ୍ ଏଣ୍ଟ୍ରାସ ଟେଷ୍ଟ (ନିଟ୍) ୟୁଜି ପରୀକ୍ଷା - ୨୦୨୨ରେ ଡି.ଏ.ଭି କଳିଙ୍ଗ ନଗରର ଛାତ୍ରଛାତ୍ରୀମାନେ ଆଶାତୀତ ସଫଳତା ହାସଲ କରିବା ସହ ବିଦ୍ୟାଳୟ ପାଇଁ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ବିଦ୍ୟାଳୟର ୧୫ ଜଣ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ବେଳେ ୭ଜଣ ଛାତ୍ରଛାତ୍ରୀ ୪୫୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି । ସେଥିମଧ୍ୟରୁ ଆରତୀ ସିଂ ୬୫୬ ନମ୍ବର ରଖି ସର୍ବକାଳୀନ ରେକର୍ଡ ସହ ବିଦ୍ୟାଳୟରେ ପ୍ରଥମ ହୋଇଥିବା ବେଳେ ବୈଷ୍ଣବି ଦାସ ୬୫୦, ଏସ କେ ଶୁଭଶ୍ରୀ ୬୨୯, ଇପସିତା ପ୍ରିୟଦର୍ଶିନୀ ୫୬୨, ଶିବସୁନ୍ଦର ବାଜପେୟୀ ୫୫୮, ଦିବ୍ୟଦିଶା ପାଟ୍ଟଶାଣୀ ୫୫୭ ଏବଂ ସାୟୋନୀ ଜେନା ୪୫୭ ନମ୍ବର ରଖି ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି । ଛାତ୍ରଛାତ୍ରୀମାନେ ସେମାନଙ୍କ ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ପିତାମାତାଙ୍କୁ ଦେବା ସହ ଡାକ୍ତର ହୋଇ ଜନସାଧାରଣଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଛାତ୍ରଛାତ୍ରୀ ମାନଙ୍କ ଏହି ଅନନ୍ୟ ସଫଳତା ପାଇଁବିଦ୍ୟାଳୟର ଚେୟାରମ୍ୟାନ ମଦନ ମୋହନ ପଣ୍ଡା ଡି.ଏ.ଭି ଅନୁଷ୍ଠାନ ସମୂହ ଓଡ଼ିଶାର ଆ□ଳିକ ନିର୍ଦ୍ଦେଶକଡ କେଶବଚନ୍ଦ୍ର ଶତପଥୀ,ସହ ନିର୍ଦ୍ଦେଶିକା ଡ. ସୁଜାତା ଓ ଅଧ୍ୟକ୍ଷ ବିପିନ କୁମାରସାହୁ ଅଭିନନ୍ଦନ ଜ୍ଞାପନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

# ମହାବୀରା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭଗାମୁଣ୍ଡା,(ପି.ଏନ):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଠାକୁରପଡା ପଂଚାୟତ ଝାଟିଆଳି ଗ୍ରାମର ମାଣିଆ ମିନି ଷ୍ଟାଡିୟମ୍‌ରେ ମହାବୀରା ଠାକୁରାଣୀ କ୍ଲବ ଆନୁକୂଲ୍ୟରେ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଏଥିରେ ମୋଟ୍ ୩୨ଦଳ ଅଂଶଗ୍ରହଣ କରିଛନ୍ତି । ବ୍ଲକ ଅଧକ୍ଷା ସୁନେଲି ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲାପରିଷଦ ସଭ୍ୟ ଲକ୍ଷ୍ମୀଧର କିସାନ, ସରପଂଚ ଅପୂର୍ବ ନାଏକ, ଲ୍ୟାମ୍ପସ୍ ନିର୍ଦ୍ଦେଶକ ନରୋ□ମ ନାଏକ, ଦୋଳଗୋବିନ୍ଦ ସାହୁ, ଦାଳଡିହି ହାଇସ୍କୁଲ ପ୍ରଧାନଶିକ୍ଷକ ଲକ୍ଷ୍ମଣ କୁମାର ମହାନ୍ତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ବଡଶିଆଡିମାଳର ସାହିଲ ଏଫ୍‌ସି ୩-୦ଗୋଲର୍ ଝାଟିଆଳି ଦଳକୁ ପରାସ୍ତ କରିଥିଲା । ରେଫରୀ ଭାବେ ଯତୀନ ମହାନ୍ତ, ଶଙ୍କର୍ଷଣ ନାଏକ, ଗଜାନନ ପାତ୍ର ଓ ଚନ୍ଦ୍ରଶେଖର ନାଏକ ଖେଳ ପରିଚାଳନା କରିଥିବା ବେଳେ ଗୋଲଖ ବିହାରୀ ମହାନ୍ତ ଓ ପୁରେନ୍ଦର ମହାନ୍ତ ଧାରାବିବରଣୀ ପ୍ରଦାନ କରିଥିଲେ । ଗ୍ରୁପ୍ ଏ'ରେ ଚଷାଟାଙ୍ଗିରୀ ଦଳ ୩-୦ ଗୋଲ୍‌ରେ ମଙ୍ଗଳପୁରକୁ ହରାଇ ଗ୍ରୁପ୍‌ର ଶୀର୍ଷ ସ୍ଥାନରେ ରହିଛି । କ୍ଲବ ସଭାପତି ସତ୍ୟବ୍ରତ ମହାନ୍ତ, ସମ୍ପାଦକ ଯତୀନ କୁମାର ପାତ୍ର, ସଦସ୍ୟ ଦୟାନିଧି ମହାନ୍ତ, ଆଲୋକ କୁମାର ମହାନ୍ତ, ଚତୁର୍ଭୁଜ ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ସୁଦର୍ଶନ ମହାନ୍ତ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି ।

# ପାରାଦୀପ ତୈଳ ବିଶୋଧନାଗାରରେ ଶ୍ରମିକ ଶୋଷଣର ଉଗ୍ରରୂପ : ପ୍ରାପ୍ୟ ମାଗିଲେ ଥାନାର ଡର

ପାରାଦୀପ,(ପି.ଏନ): ପାରାଦୀପ ତୈଳ ବିଶୋଧନାଗାରରେ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଦୀର୍ଘ ଦିନ ହେବ ଶୋଷଣ ହେଉଥିବାର ଅଭିଯୋଗ ହୋଇଛି । ନିଜର ବକେୟା ପ୍ରାପ୍ୟ ମାଗିବାରୁ କମ୍ପାନୀମାନେ ସେମାନଙ୍କୁ ମିଛ କେସ୍‌ରେ ଫସାଇବାର ଅଭିଯୋଗ କରିଛନ୍ତି ଶ୍ରମିକ । ଯାହାକୁ ନେଇ ଭୟଭୀତ ଶତାଧିକ ଶ୍ରମିକ ନ୍ୟାୟ ପାଇଁ ଅଭୟଚାନ୍ଦପୁର ଥାନା ନିକଟରେ ଏକାଠି ହେବାର ଦେଖିବାକୁ ମିଳିଛି । ଏହି ବାବଦରେ ଏଲଆଣ୍ଡଟି ଆଫେକ୍ସ କମ୍ପାନୀରେ କାର୍ଯ୍ୟ କରୁଥିବା ଶତାଧିକ ଶ୍ରମିକ ସେମାନଙ୍କର ପ୍ରାପ୍ୟ ପାଇଁ ଦାବି ରଖିଛନ୍ତି । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ପ୍ରଦାନ ନକରି ଓଲଟି ଚାକିରୀରୁ ବାହାର କରିବା ଓ ମିଥ୍ୟା ପୋଲିସ ମୋକଦ୍ଦମା ଦେବାକୁ କମ୍ପାନୀ ଧମକ ଦେଉଥିବା ନେଇ ଅଭିଯୋଗ ଆଣିଛନ୍ତି ଶ୍ରମିକ । ତୈଳ ବିଶୋଧନାଗାରରେ ଏହା ପ୍ରଥମ ଘଟଣା ନୁହେଁ, ପୂର୍ବରୁ ଅନେକ ଠିକାଦାର, କଂଟ୍ରାକ୍ଟର ଓ ଶ୍ରମିକମାନେ ବକେୟା ଅର୍ଥ ଦାବୀ ନେଇ ଅନେକ ସମୟରେ କମ୍ପାନୀ ଫାଟକ ସମ୍ମୁଖରେ ଧାରଣା, ବିକ୍ଷୋଭ ଓ ଆନ୍ଦୋଳନ କରିଥିଲେ ମଧ୍ୟ ଏହାକୁ ସୁଧାରିବାକୁ ଚେଷ୍ଟା କରୁନାହିଁ ତୈଳ ବିଶୋଧନାଗାର କର୍ତୃକକ୍ଷ । ତୈଳ ବିଶୋଧନାଗାର ଭଳି ଏକ ରାଷ୍ଟ୍ରାୟତ ଉଦ୍ୟୋଗ ବିକାଶର ଡିଣ୍ଡିମ ପିଟୁଥିବା ବେଳେ ଏହା ଅଧିନରେ ଏକ ଠିକା କମ୍ପାନୀ ଏଲଆଣ୍ଡଟିରେ ଯେଉଁଭଳି ଶ୍ରମିକ ଶୋଷଣର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ଏହା ଅତ୍ୟନ୍ତ ଦୁଃଖ ଓ ପରିତାପ ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ପୁଟୁମପାଲ୍ଲୀ ଡ଼ଙ୍ଗା ବୁଡି ଘଟଣା : ଶବ ଖେଳୁଛି ଲୁଚକାଳି

ମାଲକାନଗିରି, (ପିଏନ):୧ ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ କାଲଦାପାଲ୍ଲୀ ପଞ୍ଚାୟତ ପୁଟୁମପାଲି ନିକଟସ୍ଥ ପୋଟେରୁ ନଦୀରେ ଡଙ୍ଗା ବୁଡ଼ି ନିଖୋଜ ହୋଇଥିବା କନିଷ୍ଠ ଯନ୍ତ୍ରୀଙ୍କ ମୃତଦେହ ଆଜି ସକାଳେ ଠାବ ହୋଇଥିଲା । ନିଖୋଜ ହେବାର ୩ ଦିନ ପରେ ନଦୀରେ ଯନ୍ତ୍ରୀଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ୩ କିଲୋମିଟର ଦୂର ଗୋରଖପାଲ୍ଲୀ ଗ୍ରାମ ନଦୀ ମୁହାଣରେ ଆଜି ସକାଳ ୮ ଟା ସମୟରେ ଠାବ ହୋଇଥିଲା । ଶବ ଠାବ ହେବା ପରେ ଉଦ୍ଧାର ପାଇଁ ଅଗ୍ନିଶମ କର୍ମଚାରୀ ସେହି ସ୍ଥାନରେ ପହଂଚି ଥିଲେ । କିନ୍ତୁ, ଉଦ୍ଧାର ପୂର୍ବରୁ ପୁଣି ଥରେ ମୃତଦେହ ପ୍ରବଳ ଜଳ ସ୍ରୋତରେ ଭାସି ନିଖୋଜ ହୋଇଯାଇଥିଲା ।ଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ନଦୀରେ ଜଳ ସ୍ରୋତ ପ୍ରବଳ ଥିବାରୁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଶବ ଉଦ୍ଧାର ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଶବ ଅଗ୍ନିଶମ କର୍ମଚାରିଙ୍କ ସହ ଲୁଚ କାଳି ଖେଳୁଛି ।ସୂଚନାଯୋଗ୍ୟ, ପଡ଼ିଆ ବ୍ଲକ ଅନ୍ତର୍ଗତ ପୁଟୁମପଲ୍ଲୀ ନଦୀ ଘାଟରେ ଡ଼ଙ୍ଗା ବୁଡ଼ି ବ୍ରିଜ କାମ କରୁଥିବା ଠିକା ସଂସ୍ଥାର କନିଷ୍ଠ ଯନ୍ତ୍ରୀ କୈଳାସ ସାହୁ ନିଖୋଜ ହୋଇଥିଲେ ।

# ହୋଟେଲ,ଲଜ୍ ଯୋଗୁଁ ବଢୁଛି ଜଳ ପ୍ରଦୂଷଣ

କେନ୍ଦୁଝର,(ପି.ଏନ): କେନ୍ଦୁଝରରେ ଥିବା ହୋଟେଲ ଏବଂ ଲଜ୍ ଯୋଗୁ ଜଳ ପ୍ରଦୂଷଣ ବୃଦ୍ଧି ପାଉଛି । କେନ୍ଦୁଝର ସହର ସମେତ ଜିଲ୍ଲରେ ଥିବା ହୋଟେଲ ଏବଂ ଲଜ୍ ଗୁଡିକ ନିୟମ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଉଲ୍ଲଙ୍ଘନ କରି ଚାଲିଥିଲେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । କେନ୍ଦୁଝର ଜିଲ୍ଲାରେ ମୋଟ ୧୫ ଟି ହୋଟେଲ ଏବଂ ଲଜ୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ କନସେଣ୍ଟ ଟୁ ଅପରେଟ ବା ସିଟିଓ ନେଇ ଚାଲୁଥିବାବେଳେ ୧୦୦ ରୁ ଉର୍ଦ୍ଧ୍ୱ ହୋଟେଲ ଏବଂ ଲଜ୍ ବିନା ଅନୁମତି ରେ ଚାଲିଥିବା ଜଣାପଡିଛି । ହୋଟେଲ ଏବଂ ଲଜ୍ ର ରୁମ,କନଫରେନ୍ସ ହଲ,ଡାଇନିଂ ହଲ,ବସିବା କ୍ଷମତା ଆଧାରରେ ଅନୁମତି ପତ୍ର ଦିଆଯାଇଛି । କେତେକ ହୋଟେଲ ୫ ବର୍ଷ ପାଇଁ ସିଟିଓ ଦିଆଯାଇଥିବାବେଳେ ଆଉ କିଛି ହୋଟେଲ ଏବଂ ଲଜ୍ କୁ ୧୦ ବର୍ଷ ପାଇଁ ସିଟିଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଂଚଳିକ କାର୍ଯ୍ୟାଳୟ କେନ୍ଦୁଝର ପକ୍ଷରୁ ଦିଆଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ତେବେ ଅନୁମତି ଦେବା ପୂର୍ବରୁ ସଠିକ୍ ଯାଂଚ କରା ନଯାଇ ସିଟିଓ ଦିଆଯାଇଥିବା ଅଭିଯୋଗ ହୋଇଆସୁଛି । ହୋଟେଲ ଏବଂ ଲଜ୍ ର ବର୍ଜ୍ୟଜଳ ବିଶୋଧନ କରା ନଯାଇ ସିଧାସଳଖ ଡ୍ରେନରେ ଛଡା ଯାଉଥିବାରୁ ଜଳ ପ୍ରଦୂଷଣ ବଢୁଛି । ଏପରିକି କିଛି ହୋଟେଲ ଏବଂ ଲଜ୍ ପାଇଖାନା ଟାଙ୍କି ପାଣି ମଧ୍ୟ ଟ୍ରିଟମେଣ୍ଟ ନ କରି ଡ୍ରେନରେ ଛାଡୁଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ଏହି ହୋଟେଲ ଏବଂ ଲଜ୍ କୁ ସିଟିଓ ଦେବା ପୂର୍ବରୁ ସଠିକ୍ ଯାଂଚ କରାନଯାଇ ଅନୁମତି ପ୍ରଦାନ କରାଯାଇଥିବାରୁ ଅସନ୍ତୋଷ ଦେଖାଦେଇଛି । ହୋଟେଲ ଏବଂ ଲଜ୍ ର ବର୍ଜ୍ୟଜଳ ଇଟିପି ମାଧ୍ୟମରେ ଟ୍ରିଟମେଣ୍ଟ ହେବା ପରେ ଡ୍ରେନରେ ଛଡାଯିବା କଥା । ମାତ୍ର ତାହା କରାନ ଯାଇ ସିଧାସଳଖ ଡ୍ରେନ ରେ ଛଡା ଯାଉଛି । ଫଳରେ ଜଳ ପ୍ରଦୂଷଣ ସହ ଗନ୍ଧ ମଧ ହେଉଛି । କନସେଣ୍ଟ ଟୁ ଅପରେଟ ଦିଆଯାଇଥିବା ହୋଟେଲ ଏବଂ ଲଜ୍ ପୁନଃ ଯାଂଚ କରାଯିବାକୁ ଦାବୀ ହୋଇଛି । ବିନା ଯାଂଚ ରେ କିପରି ଅନୁମତି ଦିଆଗଲା ତାହା ଉପରେ ପ୍ରଶ୍ନ ଉଠିଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସିଟିଓ ସ□ ଉଲ୍ଲଙ୍ଘନ କରି ଚାଲିଥିବା ହୋଟେଲ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଦାବୀ କରିଛନ୍ତି । ଏ ନେଇ ଆ□ଳିକ ଅଧିକାରୀ,ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆ□ଳିକ ଅଧିକାରୀ ଇଂ ପ୍ରଶାନ୍ତ କର ଙ୍କ ସହ ଯୋଗାଯୋଗ କରିବାରୁ ଘଟଣା ତଦନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray